# ବଳକା ଅର୍ଥର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ

## ସିଂହାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ


ଜନଆରୋଗ୍ୟ ସମିତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

ରସୁଲପୁର,୧୮।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନଆରୋଗ୍ୟ ସମିତି ବୈଠକ ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ପହଁଚାଇବା ଉପରେ ଆଲୋଚନା କରାଯାଇଛି।

୨୦୨୨-୨୩ ଓ ୨୪ ଆର୍ଥିକ ବର୍ଷରେ ସମିତିର ଜମାଖାତାରେ ଉପଲବ୍ଧ ରହିଥିବା ବଳକା ଅର୍ଥର ସୁବିନିଯୋଗ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ୨ ଆର୍ଥିକ ବର୍ଷରେ ଜମାଖାତାରେ ଉପଲବ୍ଧ ହୋଇଥିବା ଅର୍ଥରୁ କେତେ ବିନିଯୋଗ ହୋଇଛି ତା'ର ହିସାବ ବୈଠକରେ ଉପସ୍ଥାପନ କରାଯାଇଛି। ବଳକା ଅର୍ଥକୁ ବିନିଯୋଗ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନରେ ଆବଶ୍ୟକ ପଡୁଥିବା ଡାକ୍ତରୀ ଯନ୍ତ୍ରାଂଶ ଓ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବା ନେଇ ବୈଠକରେ ସର୍ବସମ୍ମତି ଭାବରେ ପ୍ରସ୍ତାବ ଗୃହୀତ ହୋଇଛି। ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କିପ୍ରକାର ସହାୟତାର ଆବଶ୍ୟକତା ରହିଛି ସେ ନେଇ ଚିଠା ପ୍ରସ୍ତୁତ କରାଯାଇଛି।

ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ପଣ୍ଡା ଯୋଗଦେଇ ଜନ ଆରୋଗ୍ୟ ସମିତିର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜ୍ୟୋତିପ୍ରକାଶ ପଣ୍ଡା କେନ୍ଦ୍ରର ସ୍ୱାସ୍ଥ୍ୟସେବା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିବାବେଳେ ଆୟୁଷ ଡାକ୍ତର ପ୍ରଜ୍ଞାପରମିତା ମହାନ୍ତି, ଓଡ଼ିଶୋ ସରପଞ୍ଚ ଜିତେନ୍ଦ୍ର ନାୟକ, ସ୍ୱାସ୍ଥ୍ୟ ସୁପରଭାଇଜର ବିବେକାନନ୍ଦ ମହାନ୍ତି, ଫାର୍ମାସିଷ୍ଟ ରଞ୍ଜନ ପ୍ରଧାନ, ମୋନାଲିସା କର, ରୁନିବାଳା ସାହୁ, ଲାବ୍ରୋଟାରୀ ଟେକ୍ନିସିଆନ ପବିତ୍ର ମୋହନ ନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ମହାନ୍ତି, ବିଡିଏମ ଯାଜ୍ଞସେନୀ ମୁଦୁଲି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜନ ଆରୋଗ୍ୟ ସମିତି ସଦସ୍ୟା ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା


କଳାକାର ଓ ଅଧିକାରୀମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

ରସୁଲପୁର,୧୮।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବିଦ୍ୟୁତ୍ ସବଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ସେକ୍ସନ ଅଫିସରୁ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ମଧୁବନ ରୋଡରେ ଥିବା ଡିଭିଜନ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ବାଇକ୍ ଚାଳକମାନେ ହେଲ୍‌ମେଟ ଓ ଚାରିଚକିଆ ଯାନ ଚାଳକ ସିଟ ବେଲ୍ଟ ବ୍ୟବହାର ନ କଲେ କ'ଣ ଅସୁବିଧା ହୁଏ ସେ ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିୟମ ମାନୁଥିବା ଓ ନିୟମ ଉଲ୍ଲଘଂନ କରୁଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସଚେତନ କରାଯାଇଥିଲା। ଅତିଥିଭାବେ ବିଦ୍ୟୁତ୍ ବିଭାଗର ଜିଲାର ମୁଖ୍ୟ ଅଧିକାରୀ ଅନନ୍ତ ନାରାୟଣ ସେନାପତି, କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀ ଚିନ୍ମୟୀ ସାହୁ, କୁଆଖିଆ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତ୍ ବିଭାଗ ଜିଲା ସୁରକ୍ଷା ମୁଖ୍ୟ ଦୀପକ କୁମାର ସାହୁ, ଏସ୍‌ଡିଓ ସିତାଂଶୁ ଶତପଥୀ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ବିକ୍ରମ ଗୌଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଶ୍ୱଜିତ ବେହେରା, ବିଶ୍ୱଜିତ ନାୟକ ଓ ଗୋପାଳ ଚନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ବେଆଇନ ପାହାଡ଼ରେ ଚଢ଼ାଉ, ୨ ଗିରଫ


ବେଆଇନ୍ ପାହାଡ଼ ଉପରେ ଚଢ଼ାଉ କରାଯାଉଛି।

ଜେନାପୁର,୧୮।୧(ଅଶୋକ ଦାସ)

ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ବାଘୁଆ ବେନା ନିକଟ ପାହାଡ଼ରେ ବେଆଇନ ଭାବେ ଡ୍ରିଲବେଳେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଏଥିସହିତ ଏକ କମ୍ପ୍ରେସର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ବୁରୁ ସାହି ଗ୍ରାମର ମିଟୁ ତରାଇ(୧୯) ଓ ପାଟପୁର ଗ୍ରାମର ଗୟାଧର ଦାସ (୨୮)। ଅପରାହ୍ନରେ ବେଆଇନ ଭାବେ ପାହାଡରେ କମ୍ପ୍ରେସର୍ ସାହାଯ୍ୟରେ ଡ୍ରିଲ ହେଉଥିଲା। ଏକ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ନିରୁପମା ଜେନା ସଦଳବଳ ଚଢ଼ାଉ କରିଥିଲେ। ଏନେଇ ଥାନାରେ ନମ୍ବର ୧୯/୨୫ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ ଶଶିଭୂଷଣ ପରିଡ଼ା, ଏଏସ୍‌ଆଇ ପ୍ରଦୀପ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ନାବାଳିକା ଅସଦାଚରଣକାରୀଙ୍କୁ ୫ ବର୍ଷ ଜେଲ

ଯାଜପୁର ଟାଉନ,୧୮।୧
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଜିତ୍ ପଲାଇ ମାମଲାର ବିଚାର କରି ଦୋଷୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ମାସ ଜେଲ ଦଣ୍ଡାଦେଶ ଦେବା ସହ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜୁଲାଇ ୨୨ରେ ୬ବର୍ଷୀୟା ନାବାଳିକା ଜଣକ ଟ୍ୟୁସନ୍ ସାରି ଏକୁଟିଆ ନିଜ ସାଇକେଲ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଅଶୋକ ପାଣିଗ୍ରାହୀ ଏକ ନିରୋଳା ସ୍ଥାନରେ ନାବାଳିକାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ନାବାଳିକା ଘରେ ପହଞ୍ଚି ନିଜ ମା'ଙ୍କ ଆଗରେ ସମସ୍ତ ଘଟଣା ଜଣାଇବା ପରେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ନାବାଳିକାଙ୍କ ପରିବାର ସହ ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ନଂ.୨୪୮/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ମୋଟ୍ ୧୦ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ପୀଡ଼ିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ଓସିଏଲ୍ ମଜଦୁର ସଂଘର ବନ୍ଧୁମିଳନ


ଓସିଏଲ୍ ମଜଦୁର ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

ଛତିଆ,୧୮।୧(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ସୀମାରେ ଥିବା ଓସିଏଲ୍ କାର୍ଯ୍ୟାଳୟ ପରିସରରେ ଓସିଏଲ୍ ମଜଦୁର ସଂଘର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ତଥା ଅଲ ଓଡ଼ିଶା ଠିକା ମଜଦୁର ସଂଘ ସଭାପତି ଅଶୋକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଲ ଇଣ୍ଡିଆ କୃଷି ମଜଦୁର ମହାସଂଘ ସଭାପତି ବସନ୍ତ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଲ ଓଡ଼ିଶା ନିର୍ମାଣ ଶ୍ରମିକ ସମ୍ପାଦିକା କବିତା ସାହୁ ଯୋଗଦେଇ ସଂଘ ଓ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କମ୍ପାନୀର ମୁଖ୍ୟ ପରିଚାଳକ ପଙ୍କଜ ଗୁପ୍ତା, ମାନବ ସମ୍ବଳ ମୁଖ୍ୟ ଦିଲୀପ ପାଣିଗ୍ରାହୀ, କପିଳାସ ଲେବର ୟୁନିୟନର ସଭାପତି ଚିତ୍ତରଞ୍ଜନ ସାମଲ, ୟୁନିୟନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାରଦା ପ୍ରସନ୍ନ ପାତ୍ର ପରିଚାଳନା କରିଥିଲେ। ଆଶିଷ ନାୟକ, ସମୀର ମହାନ୍ତି, ଡମ୍ବରୁଧର ବାରିକ, ସନ୍ତୋଷ ସାହୁ, ଦିଲୀପ ଜେନା, ଲିପୁନ ବାରିକ, ସୁବ୍ରତ ସିଂ, ମହେନ୍ଦ୍ର ପୃଷ୍ଟି, ପ୍ରଭାକର ନାୟକ, ସଞ୍ଜୟ ଜଟ, ଗୋଲକ ବେହେରା, ହରେକୃଷ୍ଣ ବେହୁରା, ବାବୁଲି ସାମଲ, ବିଜନ ବିଶାଳ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।

# ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଯାଜପୁର ଟାଉନ,୧୮।୧
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସୁକାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା ହୋଇ ଅଧ୍ୟୟନରେ ନିଜକୁ ନିୟୋଜିତ କରି ଜୀବନରେ ଆତ୍ମନିର୍ଭରଶୀଳ ହେବା ପାଇଁ ସେ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ମୁଖ୍ୟବକ୍ତା ଏବଂ ବିରଜା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌର ସୁନ୍ଦର ଦାସ ସମ୍ମାନିତ ଅତିଥିରୂପେ ଯୋଗଦାନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷା ସାହୁ ମହାବିଦ୍ୟାଳୟର କର୍ମକତର୍ତ୍ତାଙ୍କ ତରଫରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ଉପସଭାପତି ମଧୁଲିତା ମହାନ୍ତି ଏବଂ ସାଂସ୍କୃତିକ ଉପସଭାପତି ଅନିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମହାନ୍ତି, ତରଣୀସେନ୍ ଜେନା, ବିଶ୍ୱଜିତ ନାୟକ, ପର୍ଶୁରାମ ନାୟକ, ଅଧ୍ୟାପିକା ସୁଶ୍ରୀ ଦାସ, ଛନ୍ଦା ରାୟ, ଅମ୍ବିକା କର, ଐଶ୍ୱର୍ଯ୍ୟା ରାଉତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଜଣେ ବାଳିକାଙ୍କୁ ଅତିଥି ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

ଜେନାପୁର,୧୮।୧(ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୧୩୮ ଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ଶିବିରକୁ ଅଧ୍ୟାପକ ସୌରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ। ଭାଗ୍ୟଶ୍ରୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପିକାଅଧ୍ୟାପକ କାର୍ତ୍ତିକେଶ୍ୱର ଦାସ, ଅଶୋକ କୁମାର ବରାଳ, ସୁରେଶ ଚନ୍ଦ୍ର ଦ୍ୱିବେଦୀ, ରାଜକିଶୋର ଚୌଧୁରୀ ଓ ଚିନ୍ମୟୀ ନାୟକଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନବୋଦୟ ପରୀକ୍ଷା ଦେଲେ ୪୮୩୯ ବିଦ୍ୟାର୍ଥୀ

ଧର୍ମଶାଳା,୧୮।୧(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲାର ପାଣିକୋଇଲିଠାରେ ପ୍ରତିଷ୍ଠିତ ନବୋଦୋୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ୬୨୨୧ ଆବେଦନକାରୀଙ୍କ ମଧ୍ୟରୁ ୪୮୩୯ଜଣ ବିଦ୍ୟାର୍ଥୀ ଜିଲାର ୨୫ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଧର୍ମଶାଳା ବ୍ଲକର ୩ କେନ୍ଦ୍ରରେ ୬୬୬ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ, ତନ୍ମଧ୍ୟରୁ ଧର୍ମଶାଳା ବାଣୀପୀଠରେ ଆବେଦନ କରିଥିବା ୨୪୦ ଜଣଙ୍କ ମଧ୍ୟରୁ ୧୯୩ଜଣ, ଜେନାପୁର ହାଇସ୍କୁଲରେ ୨୧୦ ଜଣଙ୍କ ମଧ୍ୟରୁ ୧୫୪ଜଣ, ଦାମୋଦର ବିଦ୍ୟାପୀଠ ଅଚ୍ୟୁତପୁରଠାରେ ୨୧୬ ଜଣଙ୍କ ମଧ୍ୟରୁ ୧୭୨ ଜଣ ମୋଟ୍ ୫୧୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ବୋଲି ସମ୍ପୃକ୍ତ ପରୀକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ତଥା ପରୀକ୍ଷା ନିୟନ୍ତ୍ରକମାନେ ସୂଚନା ଦେଇଛନ୍ତି। ପ୍ରଶ୍ନପତ୍ର ଓ ଖାତା ସକାଳ ୭ଟାରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯାଇଥିଲା। ପୂର୍ବାହ୍ନ ୧୧ଟା୩୦ରେ ପରୀକ୍ଷା ଆରମ୍ଭ ହୋଇ ୧ଟା୩୦ରେ ଶେଷ ହୋଇଥିଲା। ପରୀକ୍ଷାର୍ଥୀ ୧୦୦ ମାର୍କର ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିରେ ପାଟଗଣିତ, ଭାଷା, ମାନସିକ ଦକ୍ଷତା ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ବ୍ଲକର ଉପରୋକ୍ତ ୩ ପରୀକ୍ଷାକେନ୍ଦ୍ରକୁ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ନବୋଦୟ ଅଧ୍ୟକ୍ଷା ଦିକ୍ଷାଜ୍ୟୋତି ମିଶ୍ର, ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ଅଭିଜିତ୍ ବାରିକ ଓ ଏଡିଇଓ ରାଜେଶ କୁମାର ସ୍ୱାଇଁ ପରୀକ୍ଷାକେନ୍ଦ୍ରଗୁଡ଼ିକୁ ବୁଲି ତଦାରଖ କରିଥିଲେ। ପରୀକ୍ଷା ଶାନ୍ତଶୃଙ୍ଖଳାର ସହିତ ଶେଷ ହୋଇଥିବା ପାଣିକୋଇଲି ନବୋଦୋୟ ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଛନ୍ତି।

# ପଥରପଦା ବିଦ୍ୟାଳୟ ଶ୍ରେଣୀ ସଂଖ୍ୟା ବୃଦ୍ଧି

ପାଣିକୋଇଲି,୧୮।୧(ବିକାଶ ମଲ୍ଲିକ)

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପଥରପଦା ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବୃଦ୍ଧି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏ ନେଇ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଚିଠି ନମ୍ବର ୫୨୧ରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟରେ ପଥରପଦା, କାଜିପାଟଣା, ନୂଆଗାଁ, କଣ୍ଟିଗଡ଼ିଆ ଆଦି ଗ୍ରାମର ପିଲାମାନେ ପାଠ ପଢୁଛନ୍ତି। ୭ମ ଶ୍ରେଣୀ ପରେ ପିଲା ତିନି କିମି ଦୂର ପାଣିକୋଇଲି ହାଇସ୍କୁଲକୁ ଯାଇ ଅଷ୍ଟମ ଶ୍ରେଣୀରେ ନାମ ଲେଖାଉଥିଲେ। ତେବେ ୧୬ ନମ୍ବର ଜାତୀୟ ରାଜପଥରେ ଛାତ୍ରୀଛାତ୍ର ଯିବା ଆସିବା କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ଦେଖା ଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ପଥରପଦା ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବୃଦ୍ଧି କରିବା ଲାଗି ବିଧାୟକ ଆକାଶ ଦାସ ନାୟକଙ୍କ ନିକଟରେ ଗ୍ରାମବାସୀ ଦାବି କରିଥିଲେ। ବିଧାୟକଙ୍କ ହସ୍ତକ୍ଷେପ ପରେ ଏହା ସମ୍ଭବ ହୋଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସଭା ଆୟୋଜନ କରାଯାଇ ଗଣଶିକ୍ଷା ମନ୍ତ୍ରୀ, ବିଧାୟକ, ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମଧୁସୁଦନ ସାହୁଙ୍କ ସଭାପତିତ୍ୱରେ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ମଲ୍ଲିକ, ନିରଦ ପ୍ରସାଦ ଦେଓ, ରାକେଶ ସାହୁ, ମଦନମୋହନ ବେହେରା, ସନ୍ତୋଷ ବେହେରା, ରାଜକିଶୋର ଦାସ ଓ ରମେଶ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ।

# ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ରଗଡ଼ି,୧୮।୧(ଜତିଶ କୁମାର ମଲ୍ଲିକ)

କୋରେଇ ବ୍ଲକ ଅଧୀନ ଅସନଝର ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ଦାସ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ପରିଚାଳନା କମିଟି ସଭାପତି ସନାତନ ଦାସ, ସଭ୍ୟ ବିନୋଦ ବିହାରୀ ରାଉତ, ପୂର୍ବତନ ସମ୍ପାଦକ ବାବୁ ନାୟକ, ସାମ୍ବାଦିକ ପବିତ୍ରମୋହନ ରାଉତରାୟ ଓ ଜତିଶ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଉମାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟ ସୃଜନୀ ମହୋତ୍ସବରେ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିଭା ପତ୍ର ଓ କପଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ପଲେଇ ଏହାକୁ ପରିଚାଳନା କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚ ୭ରୁ ଜିଲା ଯୁବ ମହୋତ୍ସବ

ଯାଜପୁରରୋଡ୍,୧୮।୧(ପବିତ୍ର ରଞ୍ଜନ ମହାନ୍ତି)

ପ୍ରଥମ ଯାଜପୁର ଜିଲା ଯୁବ ମହୋତ୍ସବ ମାର୍ଚ୍ଚ ୭ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ଦୁଷ୍ମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ଏକ ମହୋତ୍ସବ ଜିଲାରେ ଆବଶ୍ୟକ ଥିଲା। ତାହା ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଦ୍ୱାରା ସଫଳ ରୂପାୟନ ହେବାକୁ ଯାଉଛି। ସେଥିପାଇଁ ସେ ଖୁସିବ୍ୟକ୍ତ କରିବା ସହ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଜିଲାର ସମସ୍ତ ବ୍ଲକ ଓ ଦୁଇଟି ମ୍ୟୁନିସିପାଲିଟିରୁ ଆସିଥିବା ପ୍ରତିନିଧିମାନେ ବକ୍ତବ୍ୟରଖି ସହଯୋଗ କରିବା ପାଇଁ କହିଥିଲେ। ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ସାମଲ, ସଂଗଠନ ସମ୍ପାଦକ ନିରଞ୍ଜନ ଘଡ଼େଇ ଓ ପ୍ରାକ୍ତନ ପୌରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ବକ୍ତବ୍ୟ ରଖି ମହୋତ୍ସବର ସଫଳତା ପାଇଁ ମତ ରଖିଥିଲେ। ପ୍ରାରମ୍ଭରେ ହୃଷୀକେଶ ସାହୁ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସଭ୍ୟ ଅକ୍ଷୟ ଦେଓ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରିଥିଲେ। ଜ୍ୟୋତିପ୍ରକାଶ ମିଶ୍ର ବେଦପାଠ କରିଥିଲେ। ଅଶ୍ୱିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି ବିବରଣୀ ପାଠ କରିଥିଲେ।

ମହୋତ୍ସବର ଆଭିମୁଖ୍ୟ ଓ ଏଥିରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଯୁବମହୋତ୍ସବର ସଫଳତା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଥିଲା। ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ଜିଲାର ଆଗ୍ରହୀ ଲେଖିକାଲେଖକମାନଙ୍କୁ ଲେଖା ଦେବାପାଇଁ ଆହ୍ୱାନ କରାଯାଇଥିଲା। କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ଆଭ୍ୟର୍ଥନା କମିଟି ଅଧ୍ୟକ୍ଷ, ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କୁ କମିଟିର ଉପାଧ୍ୟକ୍ଷ ଓ ପୌର ଉପାଧ୍ୟକ୍ଷଙ୍କୁ କମିଟିର ସହ ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଅଭ୍ୟର୍ଥନା କମିଟିର ସଦସ୍ୟଭାବେ ଗ୍ରହଣ କରାଯାଇଥିଲା।

ବୈଠକରେ ସର୍ବଶ୍ରୀ ନରେନ୍ଦ୍ର କୁମାର ଜେନା, ବିଭୂତି ଭୂଷଣ ପାଲ, ଦିଲୀପ କୁମାର ଦାଶ, ରଘୁନାଥ ବେହେରା, ଶିଶିର ରାଉତ, ସରୋଜ ଦେ, ଅଶୋକ ବୋଷ, ରାଜେନ୍ଦ୍ର ବିଶ୍ୱାଳ, ଟିକାୟତ ପାଲ, ମନୀନ୍ଦ୍ର କୁମାର ଧଳ, ସାମ୍ବାଦିକ ନିତ୍ୟାନନ୍ଦ ମହାଳିକ, କୈଳାସ ରାଉତ, ଦାମୋଦର ପରିଡା, ମଧୁସୂଦନ ମହାପାତ୍ର, ସୁବାସ ଚନ୍ଦ୍ର ପରିଡ଼ା, ବ୍ରଜେଶ୍ୱରୀ ସିଂ, ସର୍ମିଳା ଦେଓ, ମମତାଜ ଅଲ୍ଲୀ, ଜ୍ଞାନରଞ୍ଜନ ରାଉତ, ଦାମୋଦର ପଣ୍ଡା, ସୁନୀଲ ମୁଣ୍ଡା, ନୀଳକଣ୍ଠ ଜେନା, ଗଣେଶ୍ୱର ପାତ୍ର, ଅଭିରାମ ସାହୁ, ନିରାକାର ନାୟକ, ପ୍ରଶାନ୍ତ ରଥ, ପ୍ରଦୀପ ଜେନା, ଦୁଷ୍ମନ୍ତ ରାଉତ, ସୁରେଶ ପରିଡ଼ା, ହେମନ୍ତ ଧୀର, ଭାଗିରଥି ଆଚାର୍ଯ୍ୟ, ବିଜୟ ନାୟକ, ମାନସ ବିଶ୍ୱାଳ, ପ୍ରତାପ ଦାସ, ପ୍ରଫୁଲ୍ଲ ନାୟକ, ପ୍ରବୋଧ କୁମାର ପାତ୍ର, କୃଷ୍ଣକାନ୍ତ ପଣ୍ଡା, ବିକାଶ ଦାସ, ଚିତ୍ତରଞ୍ଜନ କର, ରବୀନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରମଣି ସାମଲ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୂର୍ବତନ ଅଧ୍ୟକ୍ଷଙ୍କୁ ଶିକ୍ଷା ନିର୍ଦ୍ଦେଶକଙ୍କ କାରଣ ଦର୍ଶାଅ ନୋଟିସ

କେନ୍ଦ୍ରାପଡ଼ା,୧୮।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କୁ ଶିକ୍ଷା ନିର୍ଦ୍ଦେଶକ ଗତ ୧୭ରେ ଆର୍ଥିକ ଅନିୟମିୟତା ପାଇଁ କାରଣ ଦର୍ଶାଅ ନୋଟିସ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏସମ୍ପର୍କରେ ଲିଖିତ ମତ ଦେବା ପାଇଁ ଏହି ନୋଟିସ (ନଂ- ୨୮୭୮)ରେ ଉଲ୍ଲେଖ କରିଛନ୍ତି। ମହାବିଦ୍ୟାଳୟର ଗତ ୨୦୧୯- ୨୦ରୁ ୨୦୨୦-୨୧ର ଆର୍ଥିକ ପରିଚାଳନା ସମ୍ପର୍କରେ ଗତ ୨୦୨୨ ମସିହାରେ ଅଡିଟ ହୋଇଥିଲା। ଏହି ଅଡିଟ ସମୟରେ ବ୍ୟୟ ହୋଇଥିବା ୧୪୩୭୬୯୬୨ ଟଙ୍କା ଉପରେ ଆପତ୍ତି ଥିଲା। ଏଥିସହ ୫୮୦୪୩୧୯ ଟଙ୍କାର ବ୍ୟୟ ବାବଦ ରସିଦ ମିଳି ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହି ଅର୍ଥ ଭରଣା ପାଇଁ ପୂର୍ବତନ ଅଧ୍ୟକ୍ଷଙ୍କୁ ନୋଟିସ ହୋଇଥିଲା। ତେବେ ଅର୍ଥ ଭରଣା ନ ହେବାରୁ ଏହି ନୋଟିସ ହୋଇଥିବା ଏଥିରେ ଉଲ୍ଲେଖ ହୋଇଛି ।

### ଚାଲାଣ କରିଥିବା ବ୍ୟକ୍ତିଙ୍କୁ ଜିଲା ଶ୍ରମ ଅଧିକାରୀଙ୍କ ନୋଟିସ

ବିହାରରେ ଯୁବତୀ ପଣବନ୍ଦୀ ଘଟଣା

ରାଜନଗର,୧୮।୧ (ଭାସ୍କର ରାଉତରାୟ)

ଭୁବନେଶ୍ୱରରେ ଏକ ବିସ୍କୁଟ କାରଖାନାରେ କାମ ଦେବାକୁ କହି ଜଣେ ଯୁବତୀଙ୍କୁ ବିହାରକୁ ଚାଲାଣ କରାଯାଇଥିଲା। ସେଠାରେ ସମ୍ପୃକ୍ତା ଯୁବତୀଙ୍କୁ ଅର୍କେଷ୍ଟ୍ରାରେ ନଚାଇ ପଣବନ୍ଦୀ କରି ରଖାଯାଇଥିଲା। ସେଠାରୁ ସମ୍ପୃକ୍ତ ଯୁବତୀ ଖସି ଆସିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଜିଲା ଶ୍ରମ ଅଧିକାରୀ ଯୁବତୀଙ୍କୁ ଚାଲାଣ କରିଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାଜନଗର ଥାନା ଅନ୍ତର୍ଗତ ସାନବଡଗୋପାଳପୁର ପଞ୍ଚାୟତ ଭାଟପଡା ଗ୍ରାମର ଜଣେ ଯୁବତୀ ପଣବନ୍ଦୀ ଥିଲେ। ସେ ବିହାରରୁ ଖସି ଆସିବା ପରେ ଯୁବତୀର ବାପା ରାଜନଗର ଥାନାରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ସହ ଅଭିଯୋଗ କରିଥିଲେ। ହେଲେ ପୋଲିସ ସହଯୋଗ ନ କରିବାରୁ ଯୁବତୀଙ୍କ ବାପା ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ରାଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଜିଲା ଶ୍ରମ ଅଧିକାରୀ ଯୁବତୀଙ୍କୁ ଅନ୍ୟ ରାଜ୍ୟରେ ନେଇ ଖଟାଇଥିବା ଯୁବତୀ ଚାଲାଣକାରୀ ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ କାନପୁର ଗାଁର ସନ୍ତୋଷ ଭଞ୍ଜଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨୪ ତାରିଖ ସୁଦ୍ଧା ଏହାର ଉତ୍ତର ଦେବାକୁ ନୋଟିସରେ ଉଲ୍ଲେଖ କରିଛନ୍ତି। ନୋଟିସରେ ଭୁବନେଶ୍ୱର ବିସ୍କୁଟ କମ୍ପାନୀରେ କାମ କରାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ବିହାରକୁ ପଠାଇଥିଲେ। ବିହାରର ସଞ୍ଜୟ ଭଜନଙ୍କ ଅର୍କେଷ୍ଟ୍ରା ଗ୍ରୁପରେ କାମ କରିବାକୁ ତାଙ୍କୁ ବାଧ୍ୟ କରାଯାଇଥିଲା ।

# ତଟାଞ୍ଚଳରେ ଜିଲାର ୭ ନଦୀକୁ ସଂଯୋଗ କରାଯାଉ

କେନ୍ଦ୍ରାପଡ଼ା, ୧୮।୧ (ଜଗନ୍ନାଥ ଧଳ)



ଲୁଣା ନଦୀର ତଟବନ୍ଧରୁ ପଥର ପ୍ୟାକିଂ ଖସିପଡିଛି।

■ ଲୁଣା ତଟବନ୍ଧରେ ପଥରପ୍ୟାକିଂ ଖସୁଛି

■ ବର୍ଷା ପୂର୍ବରୁ ନଦୀବନ୍ଧ ମରାମତି ଦାବି

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଗୋବିନ୍ଦପୁର, ଡିମିରିପାଳ, ପେଟପଡା, ସଂସିଧା, ଏରଡଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରିରହିଛି। ବାଳକାଟି, କୋଲଡ଼ିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି। ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗାଠାରୁ ବଉଳଯୋଡି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକ ଅଞ୍ଚଳରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ଜିଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ବନ୍ୟାରେ ଚାଷ ନଷ୍ଟ କରୁଛି। ନଦୀ ବନ୍ୟାଜଳ ପ୍ରତିବର୍ଷ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ଟି ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଋତୁରେ ମରାମତି କରାଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ତଟବନ୍ଧରେ ସବୁଜ ବଳୟ ଅଥବା ପଥର ପ୍ୟାକିଂ ନ ଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ମେ ମାସ ସୁଦ୍ଧା ସମସ୍ତ ନଦୀ, କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା ଓ ସମୁଦ୍ରରେ ପଡ଼ିଥିବା ୭ ନଦୀକୁ ଏକ ବୃହତ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦିଆଯିବାକୁ ବୁଦ୍ଧିଜୀବୀ ଓ ପରିବେଶବିତମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ ବିଭାଗର ଦୁଇ ଡିଭିଜନ ସହିତ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି।

ସେହିପରି ଜିଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ପ୍ରତିବର୍ଷ ବନ୍ୟା ଭୟରେ ୫୫ଟି ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡ଼ି ଅନ୍ୟ ଋତୁରେ କାର୍ଯ୍ୟ ହୋଇପାରନ୍ତା। ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଯୋଜନାର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏବେଠାରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଚିହ୍ନଟ ସହ ଆସନ୍ତା ମେ ମାସ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ଗୟାଧର ଧଳ କହିଛନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁଆରୀଠାରୁ ନଦୀଗୁଡ଼ିକ ଶୁଖିବା ଆରମ୍ଭ ହେଲାଣି। ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳବଣ ନଷ୍ଟ ହେଉଛି। ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ଼ ସମସ୍ୟା ହୋଇଛି। ୨୦୨୦ ମସିହାରେ ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ଜିଓ ସିନ୍ଥେଟିକ ଟ୍ୟୁବୱାଲ ଜୁଆର ମାଡ଼କୁ ସହି ପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କିଲୋମିଟର ଦୂରରେ ନଦୀରେ ଶେଷ ମୁଣ୍ଡକୁ ଯୋଡ଼ି ତଟାଞ୍ଚଳରେ ଏକ ବୃହତ କେନାଲ ଖୋଳା ଯିବା ଆବଶ୍ୟକ ହୋଇଛି। ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡ଼ା ଯାଇପାରିବ। ସେହିପରି ନଦୀ ଓ ନାଳରେ ବ୍ୟାରେଜ ଓ କ୍ରିକ ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚଳିତ ବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି।

### ଗୌର ମହାପାତ୍ର ହେଲେ ଏଓଏଲ୍‌ଏର ଉପସଭାପତି



କେନ୍ଦ୍ରାପଡ଼ା,୧୮।୧ (ଜଗନ୍ନାଥ ଧଳ)

ଅଲ ଓଡ଼ିଶା ଲୟର୍ସ ଆସୋସିଏଶନ (ଏଓଏଲଏ)ର ୫୩ ତମ ବାର୍ଷିକ ସମ୍ମିଳନୀ ଗଞ୍ଜାମ ଜିଲା ଭଞ୍ଜ ନଗରଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆସୋସିଏଶନର ଉପସଭାପତି ଭାବେ କେନ୍ଦ୍ରାପଡା ଜିଲାର ବରିଷ୍ଠ ଆଇନଜୀବୀ ଗୌରପ୍ରସାଦ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଏହି ଆସୋସିଏଶନ କମିଟି ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆଇନଜୀବୀ ମହାପାତ୍ର ଦୀର୍ଘ ୪୮ ବର୍ଷ ଧରି କାର୍ଯ୍ୟ କରି କେନ୍ଦ୍ରାପଡ଼ା ଜିଲାରେ ପ୍ରତିଷ୍ଠା ଲାଭ କରିଛନ୍ତି। ତାଙ୍କର ଏହି ଉପଲବ୍ଧି ପାଇଁ ଜିଲା ଆଇନଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ଅଧିକ ଅମଳକ୍ଷମ ମୁଗ ଚାଷ ସମ୍ପର୍କରେ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀ ଓ ଅନ୍ୟମାନେ।

ପାଟକୁରା,୧୮।୧(ରବୀନ୍ଦ୍ର ନାଥ ବାରିକ)

### ପଡ଼ିଆ ଜମିର ବିସ୍ତୃତ ପରିଚାଳନା ଯୋଜନା

ଧାନ ଚାଷ ପରେ ଅଧିକାଂଶ ଜମିକୁ ଚାଷୀମାନେ ପଡ଼ିଆ ପକାଇଥାନ୍ତି। ଚଳିତ ବର୍ଷ ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ଧାନ ଫସଲରେ କ୍ଷତିଗ୍ରସ୍ତ ହୋଇଛନ୍ତି । ତେଣୁ ଧାନ ଫସଲ କ୍ଷତିକୁ କେତେକାଂଶରେ ଭରଣା କରିବା ପାଇଁ ସରକାର ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ଧାନ ଚାଷ ପରେ ଅନ୍ୟ ଫସଲ କରିବାକୁ ଚାଷୀମାନଙ୍କୁ ସଚେତନତା କରାଯାଉଛି। ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଫସଲ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଞ୍ଚଳରେ ମୁଗ ଚାଷ ପାଇଁ ସଚେତନତା ଶିବିରର ଆୟୋଜନ କରାଯାଉଛି । ଅଧିକ ଅମଳକ୍ଷମ ମୁଗ ବିହନ ଶିଖା-୧ ବ୍ୟବହାର କରିଲେ ଚାଷୀମାନେ ପର୍ଯ୍ୟାପ୍ତ ମୁଗ ଅମଳ କରିବେ । ଏଥିପାଇଁ ସରକାର ମାଗଣା ମୁଗ ବିହନ ଶିଖା-୧ଯୋଗାଇ ଦେବେ । ଏଥିସହିତ ରୋଗ-ପୋକ ପରିଚାଳନା ପାଇଁ ରାସାୟନିକ ଔଷଧ, ଜୈବିକ ସାର, ବୈଷୟିକ ପରାମର୍ଶ ଓ ପ୍ରୋତ୍ସାହନ ଯୋଗାଇ ଦେବାର ସରକାରୀ ବ୍ୟବସ୍ଥା ଅଛି ବୋଲି ଏହି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ନେଇଥିବା ଶାନ୍ତିମୈତ୍ରୀ ସଙ୍ଗଠନର ଚେୟାରମ୍ୟାନ ଭଗବାନ ଜେନା ସୂଚନା ଦେଇଛନ୍ତି ।

ଗରଦପୁର ବ୍ଲକ୍ ଅଧୀନ ପାଖଡ଼ ପଞ୍ଚାୟତର ବଙ୍ଗାଳପୁର ଗ୍ରାମ କନକଦୁର୍ଗା ମନ୍ଦିର ନିକଟରେ ଗ୍ରାମର ୪୦ଜଣ ଆଗୁଆ ଚାଷୀଙ୍କୁ ନେଇ ଶାନ୍ତିମୈତ୍ରୀ ସଙ୍ଗଠନ ମୁଗ ଚାଷ କରିବା ପାଇଁ ବୁଝାଇଥିଲେ। ସଙ୍ଗଠନର ବୈଷୟିକ ଅଧିକାରୀ ପ୍ରଦୀପ କୁମାର ବେହେରା, ବ୍ଲକ୍ ସଂଯୋଜକ ଉମେଶ ଚନ୍ଦ୍ର ସମାନ୍ତସିଂହାର, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ । ଚାଷୀମାନଙ୍କ ମୁଗ ଚାଷ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ବୈଷୟିକ ଅଧିକାରୀ ବେହେରା ଦେଇଥିଲେ । ପର୍ଯ୍ୟାୟକ୍ରମେ ବ୍ଲକର ଅନ୍ୟ ଗ୍ରାମପଞ୍ଚାୟତରେ ଏହିପରି ମୁଗଚାଷ ସମ୍ପର୍କିତ ସଚେତନତା ଶିବିରମାନ ଆୟୋଜନ କରାଯାଇ ଚାଷୀମାନଙ୍କୁ ଅଧିକ ସଚେତନ କରାଯିବ ବୋଲି ଶାନ୍ତିମୈତ୍ରୀର ଚେୟାରମ୍ୟାନ ଜେନା କହିଛନ୍ତି ।

# କୋରନ୍ଦ ଟିମ୍ ବିଜୟୀ

### ଗୁରୁ ବ୍ରଦର୍ସ ଏଣ୍ଟରଟେନମେଣ୍ଟ କପ

ରାଜକନିକା,୧୮।୧ (ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ ଡାଳିକାଏନ୍ଦାରେ ଡ଼. ହୟଗ୍ରୀବ ଗୁରୁଙ୍କ ପ୍ରାୟୋଜିତ ପଞ୍ଚମ ବାର୍ଷିକ ଗୁରୁ ବ୍ରଦର୍ସ ଏଣ୍ଟରଟେନମେଣ୍ଟ କପ୍‌ର ତୃତୀୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ଏମ୍‌କେସିସି କୋରନ୍ଦ ଗୁରୁ ବ୍ରଦର୍ସ କ୍ରିକେଟ୍ କ୍ଲବ ଡାଳିକାଏନ୍ଦାକୁ ୨ ରନରେ ପରାସ୍ତ କରି କାଟର ଫାଇନାଲରେ ପ୍ରବେଶ କରିଛି। କୋରନ୍ଦ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୨୨ ରନ କରିଥିବାବେଳେ ଡାଳିକାଏନ୍ଦା ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରି ପରାଜୟ ବରଣ କରିଥିଲା। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବସୁଦେବ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଦ୍ୟାଧର ବେହେରା, ଗୁରୁ ବ୍ରଦର୍ସ ପକ୍ଷରୁ ଅନିଲ ଗୁରୁ, ମୋହନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଜେତା ଦଳର ତୋଫାନ ବେହେରାଙ୍କୁ ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପ୍ରଦାନ କରିଥିଲେ। ସଚିନ ପାଗଳ ଓ ସତ୍ୟବ୍ରତ ସ୍ୱାଇଁ ଖେଳ ପରିଚାଳନା କରିଥିଲେ । କ୍ଲବର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ମିଳୁ

ଡେରାବିଶ,୧୮।୧ (ବେବର୍ତ୍ତା ଅଜୟ ଦାସ)

### ଛତାବଟ ମହାପୁରୁଷଙ୍କ ପୀଠରେ ଚାଷୀ ସମାବେଶ

ନୂଆବର୍ଷ-୨୦୨୫ ଅବସରରେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତ ଛତାସ୍ଥିତ ବଟ ମହାପୁରୁଷଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଅଧକ୍ଷତା କରି ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଗତ ଲଘୁଚାପ ଜନିତବର୍ଷାରେ ଜିଲାରେ ହୋଇଥିବା ବ୍ୟାପକ ଫସଲ ହାନି ପାଇଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । କ୍ଷତିଗ୍ରସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ମିଶ୍ର ଦାବି କରିଥିଲେ। ସମାବେଶରେ ସଂଘ ଉପଦେଷ୍ଟା ଡେରାବିଶ ବ୍ଲକ ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ହଳଧର ଦାଶ, ସଚ୍ଚିଦାନନ୍ଦ ରଥ, ଉପଦେଷ୍ଟା ଅନନ୍ତ ଚରଣ ଭୂୟାଁ, ଭରତ କୁମାର ସିଂ, ଗୋବିନ୍ଦ ଚନ୍ଦ୍ର ବାରିକ, ଶରତ ଚନ୍ଦ୍ର ମଲିକ, ବସନ୍ତ ପଲେଇ, ମଦନମୋହନ ମହାନ୍ତି, ରବୀନ୍ଦ୍ର ମହାରଣା, ଅଞ୍ଜନ କୁମାର ପଲେଇ, ଗୌରାଙ୍ଗ ସାହୁ, ବିପିନ ବିହାରି ସାହୁ ପ୍ରମୁଖ ବହୁ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ବଟ ମହାପୁରୁଷଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ସଂଘ ସମ୍ପାଦକ କୃତୀବାସ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।



ଛତାବଟ ମହାପୁରୁଷଙ୍କ ପୀଠରେ ଆୟୋଜିତ ସମାବେଶରେ ଯୋଗ ଦେଇଥିବା ଚାଷୀ।

# ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା

ପଟ୍ଟାମୁଣ୍ଡାଇ,୧୮।୧(କଳ୍ପତରୁ ନାୟକ)




ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋକ୍‌ସୋ ଆକ୍ଟ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ଶିବିର ପଟ୍ଟାମୁଣ୍ଡାଇ କଲେଜରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କୋର୍ଟର ନୂତନ ଅତିରିକ୍ତ ଜିଲା ଜଜ (ଏଡ଼ିଜେ) ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟ ଓ ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧକ୍ଷା ସୁଶ୍ରୀସଙ୍ଗୀତା ମଲିକଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବିଚାରପତି ତଥା ଜେଏମ୍‌ଏଫ୍‌ସି ଡି.କେ. ବାଲକ୍ରିଷ୍ଣନ ଯୋଗ ଦେଇ ପୋକ୍‌ସୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥି ପାଇଁ ପଟ୍ଟାମୁଣ୍ଡାଇ କଲେଜରେ କମିଟି ଗଠନ ହୋଇଥିବାବେଳେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ସ୍କୁଲ, କଲେଜ, ଜିଲା ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତହସିଲ, ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶଦ୍ୱାରା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ପ୍ରକାଶ କରିବା ସହିତ କମିଟି ଗଠନ ବାଧ୍ୟତାମୂଳକ ହୋଇଥିବାରୁ ଯେଉଁ ସଂସ୍ଥା ଅଭିଯୋଗ କମିଟି ଗଠନ ନ କରିବେ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବେ ବୋଲି ପ୍ରକାଶ କରିଥିଲେ । ଏହି ଶିବିରରେ ଆଇନଜୀବୀ ତପନ ମିଶ୍ର, ସୁରେଶ ନରେନ୍ଦ୍ର ରବୀନ୍ଦ୍ର ଦାଶ, ତ୍ରୈଲୋକ୍ୟ ସ୍ୱାଇଁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁ ଓ କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ, ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଲିଗାଲ ଏଡ଼ର ଅପର୍ଣ୍ଣା ସାମଲ, ମୋହନ ଦାଶ, ପିଏଲଭି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଫ୍ରଣ୍ଟ ଅଫିସ ରିଟେନର ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରଦର୍ଶନୀ ମ୍ୟାଚରେ କିଟ୍ ଓମେନ୍ସ ବିଜୟୀ

### ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି

ରାଜନଗର,୧୮।୧ (ଭାସ୍କର ରାଉତରାୟ)



ବିଜେତା ଟିମ୍‌କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମ୍ୟାଚ କିଟ୍ ଓମେନ୍ସ ଟିମ ସହିତ ଖୋର୍ଦ୍ଧା ଓମେନ୍ସ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ଟସ୍ ଜିତି କିଟ୍ ଓମେନ୍ସ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଦଳର ରାଣୀ ଟୁଡୁ ୫୨ ବଲରୁ ୯ଟି ଚୌକା ସହାୟତାରେ ୬୨ରନ, ଲକ୍ଷ୍ମୀପ୍ରିୟା ନାୟକ ୪୪ବଲରୁ ୪ ଚୌକା ସହାୟତାରେ ୪୧ ରନ କରିଥିଲେ। ୧୪୯ରନର ବିଜୟଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଖୋର୍ଦ୍ଧା ଓମେନ୍ସ ଟିମ ନର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୧୪ରନ କରି ପରାଜିତ ହୋଇଥିଲେ। ଦଳର ଅନନ୍ୟା ମିଶ୍ର ୨୭ ବଲରେ ୪ ଚଉକା, ୧ ଛକା ବିନିମୟରେ ୨୭ରନ, ସୁଜାତା ସାହୁ ୩୯ ବଲରେ ୫ ଚଉକା, ଗୋଟିଏ ଛକା ବିନିମୟରେ ୩୯ରନ କରିଥିଲେ। କିଟ ଓମେନ୍ସ ଟିମର ରାଣୀ ଟୁଡୁ ୫୨ ବଲରୁ ୬୨ ବଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ବିତରଣ ଉତ୍ସବରେ ଅତିଥି ଭାବେ ସଂସାରଫଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ବଳ, ସାମାଜିକ କର୍ମୀ କୈଳାସ ମହାନ୍ତି ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ପଲ୍ଲୀଶ୍ରୀ ଯୁବକ ସଂଘର ତପନ କୁମାର ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ବଂଶୀଧର ସ୍ୱାଇଁ, ନିରୋଦ ବଳ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରମ୍ଭା,୧୮।୧(ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅଧକ୍ଷ ଡ. ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ସାମୂହିକ ପ୍ରଦୀପ ପ୍ରଜ୍ୱଳନ ଏବଂ ଜାତୀୟ ସଂଗୀତ ଗାନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରମ୍ଭା ଥାନା ଏସ୍‌ଆଇ ଧରିତ୍ରୀ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଏଏସ୍‌ଆଇ ଛବିରାଣୀ ନାୟକ, ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ସଂଯୋଜିକା ଭାବେ ଇଂରାଜୀ ଅଧ୍ୟାପିକା ସଙ୍ଗୀତା ପଣ୍ଡା, ସହ ସଂଯୋଜକ ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅମର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମାଷ୍ଟର ଟ୍ରେନର ଭାରତୀ ଗୌଡ଼, କଲ୍ୟାଣୀ କୁମାରୀ ପଣ୍ଡା, ଶିକ୍ଷା ବିଭାଗ ଅଧ୍ୟାପକ କିଶୋର ଚନ୍ଦ୍ର ପାଇକ, ଅର୍ଥନୀତି ଅଧ୍ୟାପକ କାଳୀ ପ୍ରସାଦ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୧୪୭ ଛାତ୍ରୀ ୭ ତାରିଖଠାରୁ ୮ ଦିନ ଧରି ପ୍ରଶିକ୍ଷଣ ଶିବିରରେ ତାଲିମ୍ ଦିଆଯାଇ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱନାଥ ରଥ, ସତ୍ୟବାନ ପଣ୍ଡା, ବୈକୁଣ୍ଠ ନାୟକ, ଧରଣୀଧର ମଲ୍ଲିକ, ବିଦ୍ୟାଧର ବାରିକ ଏବଂ ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବୁଗୁଡ଼ା,୧୮।୧(କାଳିଚରଣ ଦାଶ)

ବୁଗୁଡ଼ା ଏନଏସି ଅନ୍ତର୍ଗତ ମହାରଣା ସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ନନ୍ଦ(୭୬)ଙ୍କ ଦେହାନ୍ତରେ ଶୋକର ଛାୟା ଖେଳିଯାଇଛି। ସେ କିଛି ଦିନ ହେଲା ଶାରିରିକ ଅସୁସ୍ଥତା ଅନୁଭବ କରିଆସୁଥିଲେ। ତେବେ ଗତ ଶୁକ୍ରବାର ଅପରାହ୍ନରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେଠାରୁ ତାଙ୍କର ମର ଶରୀର ଆସି ବୁଗୁଡାସ୍ଥିତ ବାସଭବନରେ ପହଞ୍ଚିବା ପରେ ସାହି ବାସିନ୍ଦା ତାଙ୍କର ଅନ୍ତିମ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଗୋପାଳକୃଷ୍ଣ ଜଣେ ସରଳ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗରେ ଶିକ୍ଷକ ମହଲରେ ଗଭିର ଶୋକ ବ୍ୟକ୍ତ କରାଯାଇଛି।

### ଆସିକା ବନାଞ୍ଚଳରେ ପକ୍ଷୀ ଗଣନା

ଆସିକା,୧୮।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବନାଞ୍ଚଳର ଆସିକା, ଶେରଗଡ, ଧରାକୋଟ ଓ ଷଡଙ୍ଗିପଲ୍ଲୀ ସେକ୍ସନରେ ଶନିବାର ପକ୍ଷୀ ଗଣନା ହୋଇଥିଲା। ସମୁଦାୟ ୧୧ଟି ସ୍ଥାନରେ ଥିବା ଜଳାଶୟ, ପୋଖରୀ ଆଦିରେ ପକ୍ଷୀଗଣନା ଲାଗି ପ୍ରାୟ ୩୦ଜଣ ବନ କର୍ମଚାରୀ ନିୟୋଜିତ ରହିଥିଲେ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଗଣନା ହୋଇଥିଲା। ଆସିକା ସେକ୍ସନର ଦେବଭୂମି ହଜ, ଭେଟନଇ ପୋଖରୀ, ଦନ୍ତାରିବଗଡ ହଜ ଓ ଜାହାଡା ଘାଇ, ଶେରଗଡ ସେକ୍ସନର କେରିକେରିଖୋଲାସ୍ଥିତ କୁଟୁଚି ବନ୍ଧ, ଅଶୋକପୁର ଘାଇ, କୁମାରପାଣି ସୀତା ସାଗର ହଜ, ଧରାକୋଟ ସେକ୍ସନର ନେଳିଆ ବନ୍ଧ, ବାହାରପୁର ପୋଖରୀ ଏବଂ ଷଡଙ୍ଗିପଲ୍ଲୀ ସେକ୍ସନର ମଥୁରାବନ୍ଧ, ବାଦପୁର ପୋଖରୀରେ ପକ୍ଷୀ ଗଣନା ହୋଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବିଭିନ୍ନ ସ୍ଥାନରେ ବଗ, ପାଣିକୁଆ, ଗେଣ୍ଡାଳିଆ, କୁଜି ହଂସ, ଶଙ୍ଖଚିଲ, ଟିଁଆଁ ସମେତ କେତେକ ବିଦେଶୀ ପକ୍ଷୀ ରହିଥିବା ସୂଚନା ମିଳିଛି। ଆସିକା ବନାଞ୍ଚଳ ଅଧିକାରୀ ପଣ୍ଡାଙ୍କ ନେତୃତ୍ୱରେ ଆସିକା ବନପାଳ ଶରତ କୁମାର ବେହେରା, ଧରାକୋଟ ବନପାଳ ଅକ୍ଷୟ ତ୍ରିପାଠୀ, ଶେରଗଡ ବନପାଳ ହରେକୃଷ୍ଣ ବାରିକ ଓ ଷଡଙ୍ଗିପଲ୍ଲୀ ବନପାଳ ପି. ସୁରଜ କୁମାରଙ୍କ ତତ୍ତ୍ୱାବଧାନରେ ଏହିପକ୍ଷୀ ଗଣନା ହୋଇଥିଲା।

# ବିଲୁପ୍ତ ହେବାକୁ ବସିଲାଣି ଗଜପତିର ୫ ସାଗର

ପାରଳାଖେମୁଣ୍ଡି,୧୮।୧
(ଗିରିଧାରୀ ପରିଚ୍ଛା)



ଦଳଭର୍ତ୍ତି ହୋଇ ରହିଥିବା ଏକ ସାଗର।

- **ପୁନରୁଦ୍ଧାର କରି ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବାକୁ ଦାବି**
- **ହଜାର ହଜାର ହେକ୍ଟର ଚାଷଜମି ହେଉଥିଲା ଜଳସେଚିତ**

ଶତାଧିକ ବର୍ଷ ପୂର୍ବେ ପାରଳାଖେମୁଣ୍ଡିର ପ୍ରଜାବତ୍ସଳ ଶାସକମାନେ ଏହି ଅଞ୍ଚଳର ବିକାଶ ପାଇଁ ସାଗର ଯୋଜନା ମାଧ୍ୟମରେ ୫ଟି ବୃହତ୍ ସାଗର ଖୋଳିଥିଲେ। ଏକଦା ଚାଷୀ ଓ ମତ୍ସ୍ୟଜୀବୀଙ୍କ ସହ ସାଧାରଣ ଲୋକଙ୍କ କାର୍ଯ୍ୟରେ ଆସୁଥିବା ଏସବୁ ସାଗରଗୁଡ଼ିକ ଏବେ ପ୍ରାୟ ପୋତି ହୋଇଗଲାଣି। ସରକାରଙ୍କ ଉଦାସୀନତା ଯୋଗୁ ଏହି ସାଗରଗୁଡ଼ିକ ପୁନରୁଦ୍ଧାର ହୋଇପାରୁନି। ଫଳରେ ଏହା ମତ୍ସ୍ୟଜୀବୀ ଓ ଚାଷୀଙ୍କ କାମରେ ଆସୁନାହିଁ।ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳରେ ତତ୍କାଳୀନ ପାରଳା ଶାସକମାନେ ଚାଷୀଙ୍କ ସୁବିଧା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ଯୋଜନା କରି ୫ଟି ବୃହତ୍ ସାଗର ଖୋଳିଥିଲେ। ଏଗୁଡ଼ିକ ମହେନ୍ଦ୍ରତନୟା ନଦୀ ସହ କେନାଲ ଯୋଗେ ସଂଯୋଗ ହୋଇଥିଲା। ନଦୀର ଅଧିକ ଜଳ କେନାଲ ମାଧ୍ୟମରେ ଚାଷଜମିକୁ ମାଡ଼ିବ ଓ ସାଗର ସବୁ ଭର୍ତ୍ତି ହୋଇ ପୁଣି ତଳେ ଥିବା ଚାଷଜମିକୁ ଜଳ ଯୋଗାଇବ। ପରେ ବଳକା ପାଣି ନଦୀରେ ମିଶିବା ନେଇ ବ୍ୟବସ୍ଥା ହୋଇଥିଲା। ଏହି ଯୋଜନା ଏବେ ବିଲୁପ୍ତ ହେବାକୁ ଯାଉଛି। ଜଳସେଚନ ବିଭାଗ, ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଏହି ୫ଟି ସାଗର ଆଜି ଶ୍ରୀହୀନ ହୋଇପଡ଼ିଛି। ଏହି ପାଞ୍ଚୋଟି ସାଗର ହେଲା ରାମ ସାଗର, ସୀତା ସାଗର, ଲକ୍ଷ୍ମଣ ସାଗର, କୃଷ୍ଣ ସାଗର ଓ ଗଜପତି ସାଗର।

ସାଗରଗୁଡ଼ିକ ବର୍ଷ ବର୍ଷ ଧରି ଚାଷୀଙ୍କ ହଜାର ହଜାର ହେକ୍ଟର ଚାଷଜମିକୁ ଜଳ ଯୋଗାଇ ଆସୁଥିଲା। ସେହିପରି ମତ୍ସ୍ୟଜୀବୀଙ୍କ ଗୁଜୁରାଣ ମେଣ୍ଟାଉଥିଲା। ଆଜି ସେହି ସାଗର ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ପଙ୍କ ମାଟି, ଘାସ ବୁଦା ଓ ଦଳରେ ପୋତି ହୋଇଗଲାଣି। ଗତ ସରକାର ସମୟରେ ଏହି ସାଗରଗୁଡ଼ିକ ମଧ୍ୟରୁ ରାମ ସାଗରର ପୁନରୁଦ୍ଧାର ପାଇଁ ୩କୋଟି ୨୧ଲକ୍ଷ ଟଙ୍କା ଆସିଥିବା ବେଳେ କିଛି ମାତ୍ରାରେ କାମହୋଇ ବର୍ଷା ଯୋଗୁ ଅଟକି ଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ସେହିଭଳି କୃଷ୍ଣ ସାଗରର ପୁନରୁଦ୍ଧାର ପାଇଁ ୨କୋଟି ୫୪ ଲକ୍ଷ ଟଙ୍କା ଅନୁମୋଦିତ ହୋଇ କାର୍ଯ୍ୟ କରାଯାଇଛି। ମାତ୍ର ତାହା ଅତି ନିମ୍ନମାନର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିଭଳି ଗଜପତି ସାଗର ପାଇଁ ୧କୋଟି ୧୯ ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିଲା। ସେଥିରେ କିଛି ମାତ୍ରାରେ ମରାମତି କରାଯାଇ କାର୍ଯ୍ୟ ବନ୍ଦ ରହିଛି। ଆସିଥିବା ଅନୁଦାନ ଓ ହୋଇଥିବା କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ଭଳି। ସହର ଉପକଣ୍ଠରେ ଥିବା ରାମ ସାଗର ଓ ସୀତା ସାଗରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଆଣି ପକାଯାଉଛି। କିଛିଦିନ ତଳେ ସୀତା ସାଗରରେ ଜଣେ ବ୍ୟକ୍ତିଙ୍କୁ ମାରି ପକାଇ ଦିଆଯାଇଥିବା ମଧ୍ୟ ନଜିର ରହିଛି। ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀ କହିଛନ୍ତି ଯେ, ରାମ ସାଗର, କୃଷ୍ଣ ସାଗର ଓ ଗଜପତି ସାଗରକୁ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ତ୍ରିପୋଲ ଆର୍ ଯୋଜନାରେ ଅର୍ଥ ମଞ୍ଜୁର ହୋଇଛି। କିଛି ମାତ୍ରାରେ କାର୍ଯ୍ୟ ହୋଇ ବନ୍ଦ ହୋଇଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ସାଗର ଓ କେନାଲ ଗୁଡ଼ିକର ରିନୋଭେସନ କାମ ହେବ ବୋଲି ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ କିରଣ ସୁବୁଦ୍ଧି କହିଛନ୍ତି। ବିଲୁପ୍ତ ହେବାକୁ ଯାଉଥିବା ଏସବୁ ସାଗରଗୁଡ଼ିକର ପୁନରୁଦ୍ଧାର କରି ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଏନ୍‌ଏସି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କବିସୂର୍ଯ୍ୟନଗର,୧୮।୧ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ଦିନ ମଜୁରିଆ ଏନ୍‌ଏସି ପରିସରରେ ପାଲ ପକାଇ ଆନ୍ଦୋଳନରେ ବସିଛନ୍ତି। ସେମାନଙ୍କ ୪ମାସର ଦରମା ନ ମିଳିବାରୁଅନିର୍ଦ୍ଦିଷ୍ଟ କାଳ ପାଇ ବସିଛନ୍ତି। ବକେୟା ଦରମା ପାଇଲେ କାର୍ଯ୍ୟରେ ଯୋଗ ଦେବେ ବୋଲି କହିଛନ୍ତି। ଦିନ ମଜୁରିଆ ଏନ୍‌ଏସି କର୍ମଚାରୀଙ୍କ ସଭାପତି ପ୍ରସନ୍ନ ନାୟକ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ବସି ରହିଛନ୍ତି। ସହରରେ ଗତକାଲି ରାତି ଠାରୁ ମଇଳା ଉଠିନାହିଁ, ଯାହା ଫଳରେ ଆଗକୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ। ଶନିବାର ସନ୍ଧ୍ୟାରେ ଅତିରିକ୍ତ ଭାରପ୍ରାପ୍ତ ତହସିଲଦାର ମନୋରଞ୍ଜନ ନାୟକଙ୍କ କହିଥିଲେ ଯେ ୬ମାସର ଦରମା ଦିଆଯାଇଛି। ଏଣୁ ଏବେ ଠାରୁ କାର୍ଯ୍ୟରେ ଯୋଗଦେବେ। ସେହିପରି ଦୈନିକ ମଜୁରିଆର ସଭାପତି ପ୍ରଶ୍ନ ନାୟକ କହିଛନ୍ତି ଖାତାକୁ ପଇସା ଆସିଲେ ରବିବାର କାର୍ଯ୍ୟରେ ଯୋଗଦେବୁ।

# ପିଏଜିର ଆଲୋଚନା ବୈଠକ

ଫୁଲବାଣୀ, ୧୮।୧(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ(ପିଏଜି)ର ନୂତନ ବର୍ଷ ବନ୍ଧୁମିଳନ ଏବଂ ସାଧାରଣ ବୈଠକ ଜି.ଉଦୟଗିରି ସିରିକି ଘାଇଠାରେ ଅନୁଷ୍ଠିତ ହୋଇଯାଇଛି। ପିଏଜି ଅଧକ୍ଷ ରାମଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୭ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପିଏଜିର ବିଭିନ୍ନ କାର୍ଯ୍ୟପ୍ରଣାଳୀ ଓ ବାର୍ଷିକ କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଆରମ୍ଭରେ ସ୍ୱର୍ଗତ ସାମାଜିକ କର୍ମୀ ଗଦାଧର ନାୟକ, ଚିତ୍ତ ଭାଇ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନ ମୋହନ ସିଂ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ପିଏଜି ତାହାର ୪୦ ବର୍ଷ ପୂରଣ ସମାରୋହ କରିବା ନେଇ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ୨୦୧୬ରୁ ସାମାଜିକ ଅନୁଷ୍ଠାନମାନଙ୍କ ସହ ବନ୍ଦ କରିଦେଇଥିବା ସମନ୍ୱୟ ବୈଠକ ପୁଣି କିପରି ଆରମ୍ଭ କରାଯିବ ସେ ବିଷୟରେ ଗୁରୁତ୍ୱାରୋପ କରା ଯାଇଥିଲା। ପିଏଜି ଆବାହକ ଇଂ. ହରିଶଙ୍କର ରାଉତ,ଲିଙ୍ଗରାଜ ପ୍ରଧାନ, ସଷ୍ଟି ପ୍ରସାଦ ମିଶ୍ର, କିଶୋର ବଳିଆର ସିଂ, ଜଳନ୍ଧର ବେହେରଦଳାଇ, ସତ୍ୟ ପଟ୍ଟନାୟକ, ରାନୁବାଳା ମହାନ୍ତି, ପ୍ରଦୀପ ଦାସ, କେଶମତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମଦନ ସୁଆଲସିଂ ସ୍ୱାଗତ ଓ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଶଙ୍କରାଖୋଲ ବ୍ଲକ ଗଠନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



ବୈଠକରେ ଉପସ୍ଥିତଜନ ପ୍ରତିନିଧି।

ଚକାପାଦ,୧୮।୧(ପ୍ରତାପ କିଶୋର ବେହେରା)

ଶଙ୍କରାଖୋଲ ଆଞ୍ଚଳିକ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ଶୁକ୍ରବାର ଚକାପାଦ ବ୍ଲକର ୫ଟି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ନାଏବ ସରପଞ୍ଚ ଓ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ ଅସ୍ଥାୟୀ ସଭାପତି ଭାବେ ଜଳନ୍ଧର ସାହୁ ଓ ଅଶୋକ କହଁର ପୂର୍ବତନ ସରପଞ୍ଚଙ୍କୁ ସମ୍ପାଦକ ରୂପେ ମନୋନୀତ କରାଯାଇଥିଲା। କୁସୁମେଣ୍ଡି, ବପଲମେଣ୍ଡି (ଲା), ଶଙ୍କରଖୋଲ, ଆରାବାକା, ବପଲମେଣ୍ଡି(ବି)ର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସରକାର ବଦଳିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବ୍ଲକ ପୁନଃ ଗଠନ ପାଇଁ ଆହ୍ୱାନ ଦେଇଥିବାରୁ ଚକାପାଦ ବ୍ଲକର ଘାଟି ଉପର ୫ଟି ଗ୍ରାମ ପଞ୍ଚାୟତକୁ ନେଇ ବ୍ଲକ ଗଠନ ପାଇଁ ବୈଠକରେ ନିଷ୍ପତି ପ୍ରକାରେ ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଏକ ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଫେବୃୟାରୀ ୨୨ ତାରିଖରେ ଏହି ଖେଳ ପଡ଼ିଆରେ ଏକ ବିରାଟ ସାଧାରଣ ସଭା ଆୟୋଜନ କରାଯିବ। ବୈଠକରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ପ୍ରତ୍ୟେକ ସରପଞ୍ଚ, ସମିତିସଭ୍ୟମାନେ ଦାୟିତ୍ୱ ନେଇଛନ୍ତି।

# ମରୁଡ଼ି ପରିଚାଳନା ନେଇ ପ୍ରସ୍ତୁତ ହେବ ଡ୍ରାଫ୍ଟ

ଛତ୍ରପୁର,୧୮।୧(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):



ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ।

ଗଞ୍ଜାମ ଜିଲାରେ ମରୁଡ଼ି ସଫଳ ପରିଚାଳନା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମରୁଡି ସ୍ଥିତିର ସଫଳ ମୁକାବିଲା ପାଇଁ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ, ଜଳ ବିଭାଜିକା, ଉଠା ଜଳସେଚନ, ମଧ୍ୟମ ଜଳସେଚନ, କୃଷି ବିଜ୍ଞାନକେନ୍ଦ୍ର, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ସହାୟତାରେ ଜିଲାସ୍ତରୀୟ ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଛି। ଆସନ୍ତା ୨୬ ତାରିଖ ସୁଦ୍ଧା ଆବଶ୍ୟକ ତଥ୍ୟ ଉପବିଭାଗକୁ ପଠାଇବା ପାଇଁ ଉପସ୍ଥିତ ପଦାଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ବିଭାଗ ପକ୍ଷରୁ ତଥ୍ୟ ଆସିବା ପରେ ଜିଲ୍ଲା କାର୍ଯ୍ୟାଳୟ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରିବ ବୋଲି ନିମନ୍ତେ ଆଲୋଚନା କରଯାଇଥିଲା। ମାସ ଶେଷ ସୁଦ୍ଧା ଉକ୍ତ ଯୋଜନାକୁ ନେଇ ଏକ ପୁସ୍ତିକା ପ୍ରସ୍ତୁତ କରି ସରକାରଙ୍କୁ ପଠାଇବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ନିର୍ବାହୀ ଯନ୍ତ୍ରୀ(ଟିପି ଏସଓଡିଏଲ), ଜିଲ୍ଲା ମୁଖ୍ୟ ମତ୍ସ୍ୟ ସମ୍ପଦ ଅଧିକାରୀ, ବରିଷ୍ଠ କୃଷି ବିଜ୍ଞାନୀ ପଦାଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆୟୁଷି ପତି, ଜିଲ୍ଲା ଜରୁରୀ କାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅପହୃତ ମହିଳା ଉଦ୍ଧାର

ଦିଗପହଣ୍ଡି,୧୮।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି–ଚିକିଟି ମୁଖ୍ୟରାସ୍ତା ଗୁପ୍ତେଶ୍ୱର ଶୈବପୀଠ ନିକଟ ରସ ଫ୍ୟାକ୍ଟ୍ରି ନିକଟରୁ ଜଣେ ବିବାହିତାଙ୍କୁ ଜବରଦସ୍ତ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମହିଳା ଜଣକ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରୟସେ ଫ୍ୟାକ୍ଟ୍ରିରେ କାମସାରି ଗତ ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବୁଗୁଡ଼ା ପଲ୍ଲୀ ଗ୍ରାମର ବନମାଳୀ ଦାସ ଏବଂ ତାଙ୍କ ୩ ସହଯୋଗୀ ମହିଳାଙ୍କୁ ଅପହରଣ କରିଥିବା ନେଇ ତାଙ୍କ ଝିଅ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ପ୍ରଶାନ୍ତ ପାତ୍ର ଥାନା ମାମଲା ନଂ.୩୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ଏସଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଅଭିଯୁକ୍ତ ଜଣକ ତାଙ୍କ ପଦ୍ମନାଭପୁର ଘରକୁଆସି ତାଙ୍କ ମା' ଓ ଭାଇଙ୍କୁ ହତ୍ୟା ଧମକ ଦେଇଥିଲେ। ପ୍ରାୟ ୧ ସପ୍ତାହ ହେଲା ଅଭିଯୁକ୍ତ ତାଙ୍କ ମାଆଙ୍କୁ ରସ ଫ୍ୟାକ୍ଟ୍ରି ନିକଟରେ ରହି ପିଛା କରୁଥିଲେ। ଅଭିଯୁକ୍ତ ତାଙ୍କୁ ଫୋନ କରି ତାଙ୍କ ମା'ଙ୍କୁ କଲିକତା ନେଇ ଯାଉଛୁ। ୧୫ ଦିନ ପରେ ତାଙ୍କୁ ଛଡ଼ାଯିବ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଥିଲା। ତଦନ୍ତକାରୀ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରି ଶେଷରେ କେ.ନୂଆଗାଁ ଥାନା ଖମାରି ଗାଁ ଅଞ୍ଚଳରୁ ଅପହୃତ ମହିଳାଙ୍କୁ ଉଦ୍ଧାର କରାଯାଇଛି।

## ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଆଉଟରିଚ କାର୍ଯ୍ୟକ୍ରମ

# ମାନବ କଲ୍ୟାଣ ନିମନ୍ତେ ଗବେଷଣାର ଆବଶ୍ୟକତା ରହିଛି

ଭଞ୍ଜନଗର,୧୮।୧(ବାବୁଲା ପ୍ରଧାନ)




ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଶନିବାର ଭଞ୍ଜନଗର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଲା ଅପହଞ୍ଚ ଅଞ୍ଚଳରେ ବିଜ୍ଞାନ ପହଞ୍ଚାଇବା, ଗବେଷଣା ପ୍ରତି ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ାଇବା, ନୂଆ ନୂଆ ଯୁବ ବୈଜ୍ଞାନିକ ସୃଷ୍ଟି କରିବା ଏବଂ କମ୍ ଅର୍ଥରେ ନୂଆ ନୂଆ ଗବେଷଣା କିଭଳି କରିବା। ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ନନ୍ଦ ନିଜ ବକ୍ତବ୍ୟରେ ମାନବ ଜୀବନରେ ଗବେଷଣାର ମହତ୍ତ୍ୱ ଶୀର୍ଷକ ଉପରେ କହିଥିଲେ। ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ସଚିନ୍ଦ୍ର ନାଥ ଷଡ଼ଙ୍ଗୀ ନାନୋ ବିଜ୍ଞାନ ଏବଂ ଆଜିର ବିଜ୍ଞାନ ଶୀର୍ଷକ ଉପରେ କହିଥିଲେ। ବୈଜ୍ଞାନିକ ଡ. କ୍ଷୀରୋଦ ଚନ୍ଦ୍ର ପାତ୍ର ରାସାୟନିକ ବିକିରଣ ଉପରେ କହିଥିଲେ। ବୈଠକରେ କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ସସ୍ମିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ, ତୃତୀୟ, ଚତୁର୍ଥ ଅଧିବେଶନକୁ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ସୁଧାଶ୍ରୀ ନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଇକ୍ୟୁଏସି ସଂଯୋଜକ ପି. ସୁନାମ ପାତ୍ର, କ୍ୟାରିୟର କାଉନସିଲ ସେଲ ସଂଯୋଜକ ସୁନିଲ ଦାସ, ବୁଦ୍ଧିନାଥ ବେହେରା, ଅଧ୍ୟାପକ ରଜତ ମିଶ୍ର, ରମାକାନ୍ତ ସାହୁ, ଅର୍ପଣ ପ୍ରଧାନ, ବୁଧିବନ୍ତ ବରିହା, ଶରତ ବେହେରା, ଫିଲିପ ମଲ୍ଲିକ, ଲକ୍ଷ୍ମୀ ପ୍ରିୟା ବାନାରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା




ରାଇକିଆ,୧୮।୧(ପ୍ରଦୀପ ବେହେରା): ରାଇକିଆ ବଣିକ ସଂଘ ତରଫରୁ ଶୁକ୍ରବାର ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଡି ଚଳାଇବା ସମୟରେ ହେଲମେଟ ବ୍ୟବହାର, ଟ୍ରାଫିକ ନିୟମ ମାନିବା, ମଦ୍ୟପାନ କରି ଗାଡି ନ ଚଳାଇବା, ୧୮ ବର୍ଷରୁ କମ ବୟସର ପିଲାଙ୍କୁ ଗାଡି ଚଳେଇବାକୁ ନ ଦେବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା ନିମନ୍ତେ ଜନସାଧାରଣଙ୍କୁ ଲିଫଲେଟ ଏବଂ ଚକୋଲେଟ ବଣ୍ଟନ କରି ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଇକିଆ ବଣିକ ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯୋଧନ ଲେଙ୍କାଙ୍କ ସମେତ ସଂଘର ସଦସ୍ୟମାନେ ଯୋଗଦେଇ ପରିଚାଳନା କରିଥିଲେ।

### ମମ ସ୍କୁଲର ବାର୍ଷିକ ଉତ୍ସବ

ଆସିକା,୧୮।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବିନାୟକ ବଜାରସ୍ଥିତ ସତ୍ୟନାରାୟଣ ମନ୍ଦିର ପରିସରରେ ଶନିବାର ମମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ଶିବ ଚରଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ସୁବାସ ଚନ୍ଦ୍ର ସେଠୀଆ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରାୟଗୁରୁ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ମିନତୀ ରାଣୀ ବେହେରା, ସଂପାଦକ ରବିନ୍ଦ୍ରନାଥ ପାତ୍ର ଓ ଅଧକ୍ଷା ପ୍ରତିମା କୁମାରୀ ପାତ୍ର ମଞ୍ଚାସୀନ ଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

କ.ନୂଆଗାଁ,୧୮।୧
(କାଳି ପ୍ରସାଦ ତ୍ରିପାଠୀ)




କ. ନୂଆଗାଁ ବ୍ଲକ ଅନ୍ତର୍ଗତ କୁଡୁତୁଳୀ ଓଡିଶା ଆଦର୍ଶ ବିଦ୍ୟାଳୟ ସଂକଳ୍ପ ତିନି ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷ ଚିକୁନ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଚକ୍ରମଣି କହ୍ନର ମୁଖ୍ୟବକ୍ତା ଭାବେ ଆବାଦିବାସୀ ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଚରଣ ସାହୁ, ସମ୍ମାନୀତ ଅତିଥି ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଜିଲା ପରିଷଦ ସଭ୍ୟ ଅନିତା ମଲିକ, ବ୍ଲକ ଉପାଧକ୍ଷ ଧବଳେଶ୍ୱର ପାତ୍ର, ବିଡ଼ିଓ ଅକ୍ଷୟ ମଲିକ, ତହସିଲଦାର ଆନନ୍ଦ ପଣ୍ଡା, କୁଡୁତୁଳୀ ସରପଞ୍ଚ ଚନ୍ଦ୍ର ମଲିକ, ସତନ୍ତ୍ର ଅତିଥି ଭାବରେ ଜଗନ୍ନାଥ ମନ୍ଦିରକୁ ଦାନକରି ଥିବା ଫୁଲବାଣୀର ତୁଳା ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟରେ ପାଠ ସାଙ୍ଗକୁ ପିଲାମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏହି ବାର୍ଷିକୋତ୍ସବ ବା ସଂକଳ୍ପ ତିନିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ। ଏହି ଉତ୍ସବରେ କୃତି ପ୍ରତିଯୋଗିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ରାଜେଶ ପଦକା, ନାରାୟଣ କହ୍ନର, ହାଡୁବନ୍ଧୁ ନାୟକ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ ଭୁଏ, ଗୀତାଞ୍ଜଳି ମଲିକ, ଆଶାଲତା ଶତପଥୀ, ପ୍ରିୟଙ୍କା କହ୍ନର ରଞ୍ଜିତ ସେନାପତି, ରୁଦ୍ର ନାରାୟଣ ବେହେରା, ରାଜ କିଶୋର ସ୍ୱାଇଁ, ଆଶିଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଯନ୍ତ୍ରରେ ବୁଣାହେଲା ମୁଗ

ଶେରଗଡ଼,୧୮।୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ କୃଷି ବିଭାଗ ଶୁକ୍ରବାର ବ୍ଲକରେ ମୁଗବୁଣା ଶୁଭାରମ୍ଭ କରିଛି। ଡେଙ୍ଗାପଦରର ରଘୁନାଥ ମଠ ଜମିରେ ଧାନ ଫସଲ ପରବର୍ତ୍ତୀ ଫସଲ ମୁଗ ବୁଣା ଶୁଭାରମ୍ଭ ହୋଇଛି। ଏଣିକି ଟ୍ରାକ୍ଟର ସହିତ ଅତ୍ୟାଧୁନିକ ମୁଗ ବୁଣା ଯନ୍ତ୍ର ଲଗାଯାଇ ମୁଗ ବୁଣାଯିବ। ଟ୍ରାକ୍ଟର ଚାଲିଲେ ଜମିରେ ମୁଗ ବୁଣି ଚାଲିବ ଟ୍ରାକ୍ଟର। କୃଷି ବିଭାଗ ପକ୍ଷରୁ ଆୟୋଜିତ ମୁଗ ବୁଣା କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଡେଙ୍ଗାପଦର ମଠ ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ, ବ୍ଲକ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର, ଡେଙ୍ଗାପଦର ସରପଞ୍ଚ ପ୍ରମିଳା ସେଠୀ, ସମିତିସଭ୍ୟ ବନିତା ସାଇଁ, ଗ୍ରାମସେବକ ମୁରଲୀଧର ପାତ୍ର,ଏଟିଏମ ସ୍ୱାଧୀନ ମୁଖାର୍ଜୀ, ସିଆଏଏମ୍‌ର ମଧୁସୂଦନ ସ୍ୱାଇଁ ଓକୃଷକ ସାଥୀ ରାଜ ଗୌଡ଼ ଉପସ୍ଥିତ ଥିଲେ।

# ଘନଶ୍ୟାମ ସଂସ୍କୃତ ମହାବିଦ୍ୟାଳୟ ପରିଦର୍ଶନ କଲେ କୁଳପତି

କବିସୂର୍ଯ୍ୟନଗର,୧୮।୧(କୃପାସିନ୍ଧୁ ସ୍ୱାଇଁ)




କବିସୂର୍ଯ୍ୟନଗରସ୍ଥିତ ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟକୁ ପୁରୀରେ ଅବସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଶନିବାର ପରିଦର୍ଶନରେ ଆସିଥିଲେ। ତାଙ୍କୁ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସ୍ୱାଗତ ଜଣାଇଥିଲେ। ଅଫିସ, କ୍ଲାସରୁମ ତଦାରଖ କରିବା ପରେ ଏକ ବୈଠକ ଛାତ୍ରୀଛାତ୍ରଙ୍କ ସହ କରିଥିଲେ। ସେମାନଙ୍କୁ ଅଧ୍ୟାପିକା ଅଧ୍ୟାପକଙ୍କ ନିୟମିତ ପାଠପଢ଼ା, ନିୟମିତ ପରୀକ୍ଷା ଓ ଫଳାଫଳ, ନିୟମିତ ଛାତ୍ରୀଛାତ୍ର ସ୍କୁଲକୁ ଆସୁଥିବା ବିଷୟ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମ ଅଧକ୍ଷ ଅବନୀ ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦର୍ଶନ ଅଧ୍ୟାପକ ହେମନ୍ତ ଗନ୍ତାୟତ, ବ୍ୟାକରଣ ଅଧ୍ୟାପକ ଡ. ନରେନ୍ଦ୍ର ଦାସ, ସାହିତ୍ୟ ଅଧ୍ୟାପକ ନରସିଂହ ପାଢ଼ୀ ମଞ୍ଚାସୀନ ଥିଲେ। ନ୍ୟାୟ ଅଧ୍ୟାପକ ପ୍ରଭାତ ନନ୍ଦ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ବ୍ୟାକରଣ ଅଧ୍ୟାପିକା ସୌଭାଗ୍ୟ ମଞ୍ଜରୀ ନାଥ, ଓଡ଼ିଆ ଅଧ୍ୟାପିକା ରୁନି ପାଣିଗ୍ରାହୀ, ଗ୍ରନ୍ଥାଗାରିକା ସ୍ମିତି ସ୍ୱାଇଁ, ଧରିତ୍ରୀ ପ୍ରଧାନ, ସୀତାରାମ ମହାରଣା ଓ ବାବୁଲା ମଣ୍ଡଳ ଉପସ୍ଥିତ ଥିଲେ।

# ଅପେକ୍ଷାର ଅନ୍ତ ଘଟୁନି, ହାତୀ-ମଣିଷ ଲଢ଼େଇ ସରୁନି

## ଘୋଷଣାରେ ସୀମିତ ୧୫ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ

ଯାଜପୁର,୧୮।୧(ହର୍ଷବର୍ଦ୍ଧନ ବେହେରା)

ଜଙ୍ଗଲ ସଂରକ୍ଷିତ ତ ହାତୀ ସୁରକ୍ଷିତ। ହାତୀ ଖାଦ୍ୟ ଓ ପାଣି ପାଇଁ ଜଙ୍ଗଲ ଉପରେ ଯେତେ ନିର୍ଭର କରିବେ ସେତେ ହ୍ରାସପାଇବ ସେମାନଙ୍କ ପଟୁ ଜନବସତି ପ୍ରତି ବିପଦ। ହାତୀ-ମଣିଷ ଲଢ଼େଇ ଆଉ ହେବ ନାହିଁ। ଫଳରେ ଉଭୟଙ୍କ ଜୀବନ ବଞ୍ଚିଯିବା ସହ ଫସଲ ହାନି ମଧ୍ୟ ହେବନାହିଁ। ଏ ସମ୍ପର୍କରେ ବିଶେଷଜ୍ଞମାନେ ଦେଇଆସୁଥିବା ମତକୁ ଆଧାର କରି ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଅନେକ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଏହାର ଉଦାହରଣ ହେଲା ଢେଙ୍କାନାଳ ଜିଲା ସୀମାନ୍ତ ଯାଜପୁର ଜିଲାର ସମୁଦାୟ ୪,୩୪୬.୭୫ ହେକ୍ଟର ବିଶିଷ୍ଟ ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍)। ଏହିସବୁ ପିଆର୍‌ଏଫ୍‌କୁ ଦୀର୍ଘ ୫୫ ବର୍ଷ ହେଲା ସଂରକ୍ଷିତ ଜଙ୍ଗଲ ଭାବେ ମାନ୍ୟତା ଦିଆଯାଇ ପାରିଲା ନାହିଁ। ଫଳରେ ସେଗୁଡ଼ିକର ବିକାଶ ହୋଇପାରୁନାହିଁ। ଏହାର ପରିଣାମ ସ୍ୱରୂପ ଢେଙ୍କାନାଳ ଓ ଯାଜପୁର ଜିଲା ସୀମାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। କେବଳ ଲୋକଙ୍କ ଘର ଓ ଫସଲ ଉଜୁଡ଼ିଯାଉନାହିଁ, ଅନେକଙ୍କ ଜୀବନଦୀପ ଅକାଳରେ ଲିଭିଯାଉଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ




ଗତ ୧୦ ବର୍ଷରେ ହାତୀ ଆକ୍ରମଣରେ ୧୦୫୪ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଢେଙ୍କାନାଳ ଜିଲାରେ ସର୍ବାଧିକ ୨୨୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୪-୧୫ରେ ହାତୀ ଆକ୍ରମଣରେ ୬୫ ଏବଂ ୨୦୨୩-୨୪ରେ ୧୨୯ ଜଣଙ୍କ ମୃତ୍ୟୁ ହୋଇଛି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୦ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ ଓ ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧) ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ଏଥିରେ ସାତଲୁଣ୍ଡା, କଳକଳା, ମଧୁପୁର, ନିମିତି, ଚାରିନଙ୍ଗଲ, ବଜ୍ରଗିରି, ମଉଳାଭଞ୍ଜା, କଣ୍ଟିଗଡ଼ିଆ, ନଳିଦା, କୋହ୍ଲା-ଏ, ବଳରାମପୁର, ପଞ୍ଚଭାୟା, ଅଧିକାରୀମଲ, ବାରିମୂଳା ଓ ବନ୍ଧପାଲି ପିଆରଏଫ୍ ରହିଛି। ଏହିମର୍ମରେ କଟକ ଫରେଷ୍ଟ ଡିଭିଜନ ଡିଏଫଓ ତାଙ୍କ ପତ୍ରସଂଖ୍ୟା ୭୧୭୦/୧୩।୯।୨୦୧୯ ଓ ୧୬୯୧/୧୬।୨।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଇଥିଲେ ଯେ, ସାଧାରଣ ଲୋକଙ୍କ ଉଚ୍ଚତର ସ୍ୱାର୍ଥ ଦୃଷ୍ଟିରୁ ସଂରକ୍ଷିତ ଜଙ୍ଗଲ ଘୋଷଣାର ଆବଶ୍ୟକତା ରହିଛି। ତେଣୁ ଫରେଷ୍ଟ ସେଟେଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପତ୍ରରେ ଅନୁରୋଧ କରାଯାଇଥିଲା। କିନ୍ତୁ ଏହି ପ୍ରସ୍ତାବ କେବଳ ପତ୍ର ଆଦାନ ପ୍ରଦାନରେ ସୀମିତ ରହିଛି। ଅତୀତରେ ଏହି ସବୁ ଜଙ୍ଗଲରେ ଶହ ଶହ ସଂଖ୍ୟାରେ ହାତୀ, ବାଘ, ଭାଲୁ, କୁଟୁରା, ଝିଙ୍କ ଓ ହରିଣ ପ୍ରଭୃତି ବନ୍ୟପ୍ରାଣୀ ବାସ କରୁଥିଲେ। ହେଲେ ଏହାକୁ ସଂରକ୍ଷିତ ଜଙ୍ଗଲ ମାନ୍ୟତା ଦିଆ ନ ଯିବାରୁ ଜଙ୍ଗଲଗୁଡ଼ିକରୁ ବ୍ୟାପକ ଗଛକଟା, ବେଆଇନ ଖାଦାନ ଉତ୍ତୋଳନ ଓ ବିସ୍ଫୋରଣ ଯୋଗୁ ହାତଗଣତି ବନ୍ୟପ୍ରାଣୀ ଏବେ ଦେଖିବାକୁ ମିଳୁଛି। ଉଦାହରଣ ଭାବେ ଅସିଆ-ଚାରିନଙ୍ଗଳ, ବଳରାମପୁର, ମଧୁପୁର, ବନ୍ଧପାଲି, କଣ୍ଟିଗଡିଆ, ମଉଳାଭଞ୍ଜା, ବିଜ୍ରଗିରି ଆଦି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନଶ୍ଚିହ୍ନ ହେବାକୁ ବସିଲାଣି। ସ୍ଥାନୀୟ ପୁରୁଖା ଲୋକଙ୍କ ମତ ଅନୁଯାୟୀ ୫୦ ବର୍ଷ ତଳେ ଏଠାରେ ସଂଖ୍ୟାଧିକ ବାଘ, ସମ୍ବର, ଭାଲୁ, ହରିଣ, ବାର୍ହା, ଝିଙ୍କ ଆଦି ରହିଥିଲେ। ମାତ୍ର ଏବେ ଗୋଟିଏ ବି ଦେଖିବାକୁ ମିଳୁନାହିଁ। ଘନ ଜଙ୍ଗଲ ଅଭାବରୁ ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ।

# ରୋଗୀ ସେବା, ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ

## ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଜ୍ୟ କାୟାକଳ୍ପ ତଦନ୍ତ କମିଟି




ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଜ୍ୟ କାୟାକଳ୍ପ କମିଟି ତଦନ୍ତ କରୁଛି।

ରଘୁନାଥପୁର,୧୮।୧(ରାଜେନ୍ଦ୍ର ନାରାୟଣ ସିଂହ)

ରାଜ୍ୟ କାୟାକଳ୍ପ ତଦନ୍ତ କମିଟି ଶନିବାର ଅପରାହ୍ନରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀ ସେବା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ତଦନ୍ତ କରିଛନ୍ତି। ଏହି ତଦନ୍ତକାରୀ ଟିମ୍‌ରେ ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶକ ଅରୁଣ କୁମାର ମହାପାତ୍ର, ଗିରିଜା ଶଙ୍କର ପଟ୍ଟନାୟକ, ରାଜ୍ୟ ପ୍ରୋଗ୍ରାମ ଅଫିସର ଜ୍ୟୋତି ସାଣ୍ଡଲିଆ ରହିଛନ୍ତି। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟ, ଲାବରେଟୋରି, ପ୍ରସୂତି ଗୃହ, ବହିର୍ବିଭାଗ, ଔଷଧ ଗୋଦାମ ଗୃହ, ବିତରଣ କେନ୍ଦ୍ର, ଅସ୍ତ୍ରୋପଚାର ଗୃହ, ପାନୀୟଜଳ, ରୋଗୀ ବିଶ୍ରାମ ଗୃହ ଓ ଡ୍ରେନେଜ ବ୍ୟବସ୍ଥାକୁ ତଦାରଖ କରିଥିଲେ। ତଦନ୍ତ ସମୟରେ ବାହାର ପରିବେଶ ଅପରିଷ୍କାର ଥିବାରୁ ଏହାକୁ ସଫେଇ କରିବା, ଉନ୍ନତମାନର ଉପକରଣକୁ ସଫା ରଖିବା ଓ ଡ୍ରେସିଂ ରୁମ୍‌କୁ ସମ୍ପୂର୍ଣ୍ଣ ଭାବେ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ତଦାରଖ ସମୟରେ ଜିଲା ପ୍ରୋଗ୍ରାମ ଅଫିସର ଚକ୍ରଧର ଜେନା ଓ ଉପପ୍ରୋଗ୍ରାମ ଅଫିସର ସୁଜାତା ପ୍ରିୟମ୍ବଦା ଦାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇ, ପ୍ରେମାନନ୍ଦ ବେହେରା, ଡ. କୌସ୍ତୁଭ ସାମଲ, ଡ. ବିଶ୍ୱରଞ୍ଜନ ସ୍ୱାଇଁ, ଡ. ସ୍ୱୟଂପ୍ରଭା ଦାସ, ଡ. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଡ. ଶୁଭଶ୍ରୀ ମିଶ୍ର, ଫାର୍ମାସିଷ୍ଟ ଜଗନ୍ନାଥ ତ୍ରିପାଠୀ, ସୁଚିସ୍ମିତା ପାଢ଼ୀ, ସିଦ୍ଧାର୍ଥ ଶେଖର ସେଠୀ, ବିପିଏମ୍ ରଞ୍ଜିତା ସିଂହ, ପିଏଚ୍‌ଓ ତୃପ୍ତିମୟୀ ମହାପାତ୍ରଙ୍କ ସହ ଷ୍ଟାଫ୍‌ନର୍ସ, ପାରା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଡେରାବିଶର ୨ ସରପଞ୍ଚ, ଜଣେ ଲକ୍ଷପତି ଦିଦିଙ୍କୁ ଦିଲ୍ଲୀ ପରେଡ୍‌କୁ ନିମନ୍ତ୍ରଣ

ଡେରାବିଶ,୧୮।୧(ବେବର୍ତ୍ତା ଅଜୟ ଦାସ)


ରେଶମା ବେଗମ


ଅରକ୍ଷିତ କାଣ୍ଡି


ମୋହନ ଚରଣ ସାହୁ

ଦିଲ୍ଲୀ ଜନରାଜ୍ୟ ଦିବସ ପରେଡରେ କେନ୍ଦ୍ରପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ୨ଜଣ ସରପଞ୍ଚ ଓ ଜଣେ ଲକ୍ଷପତି ଦିଦି ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସରପଞ୍ଚ ଅରକ୍ଷିତ କାଣ୍ଡି ଓ ବେଣିପୁର ପଞ୍ଚାୟତ ସରପଞ୍ଚ ମୋହନ ଚରଣ ସାହୁ। ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ପକ୍ଷରୁ ଚିଠି ନଂ.୫୧ /ତା ।୭।୧।୨୫ରେ ଉଭୟଙ୍କୁ ଅବଗତ କରାଯାଇଛି। ସେହିପରି ଏହି ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପ ସମ୍ପାଦିକା ରେଶମା ବେଗମଙ୍କୁ ଲକ୍ଷପତି ଦିଦି ଭାବେ ଉକ୍ତ ପରେଡରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ଏ ସଂକ୍ରାନ୍ତରେ ସରକାରଙ୍କ ଲାଇଭଲିହୁଡ ମିଶନ ବିଭାଗର ଯୁଗ୍ମ ଶାସନ ସଚିବ ମମତା ବାରିକ ଚିଠି ନଂ.୬୨ / ତା୧୩।୧।୨୦୨୫ରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଛନ୍ତି। ରେଶମା ଜନରାଜ୍ୟ ଦିବସ ପରେଡରେ ଅତିଥି ଭାବେ ଯୋଗଦେବା ସହ କେନ୍ଦ୍ର ଗ୍ରାମ୍ୟ ଉନ୍ନତନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବା ସେ ସୂଚନା ଦେଇଛନ୍ତି। ତେବେ ଏହି ଖବର ଜଣାପଡିବା ପରେ ବ୍ଲକ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

# ଇଜ୍‌ତେମାରେ ସମୂହ ନମାଜ ପାଠ


ମୁସ୍‌ଲିମ୍ ଧର୍ମାବଲମ୍ବୀମାନେ ନମାଜ ପାଠ କରୁଛନ୍ତି।

ଚଣ୍ଡିଖୋଲ,୧୮।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟାଠାରେ ଶନିବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଇଜତେମା। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ହଜାର ହଜାର ସଂଖ୍ୟାରେ ମୁସଲିମ ଧର୍ମାବଲମ୍ବୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୦ ହଜାରରୁ ଅଧିକ ଲୋକ ଏକ ସାଙ୍ଗରେ ପ୍ରାର୍ଥନା କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାକୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଜଳ ଯୋଗାଣ, ଖାଦ୍ୟ ଯୋଗାଣ, ପରିମଳ ବ୍ୟବସ୍ଥା ସହିତ ଆଗନ୍ତୁକମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଆଦି ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରାଯାଉଛି। ଏଥିସହିତ କମିଟି ପକ୍ଷରୁ ସୂଚନା ଦିଆଯାଇଛି କି ଯେଉଁ ବ୍ୟକ୍ତିମାନେ ଇଜତେମାରେ ଯୋଗଦେବାକୁ ଆସିବେ, ସେମାନଙ୍କ ଯାତାୟାତ, ରହଣି ପାଇଁ ଆବଶ୍ୟକ ସାମଗ୍ରୀ ସଙ୍ଗରେ ନେଇ ଆସିବେ ଓ ସାଥିରେ ନେଇ ଚାଲିଯିବେ।

# ମଦ୍ୟପାନ ସନ୍ଦେହରେ ସରପଞ୍ଚଙ୍କ ସ୍ୱାମୀ, କମ୍ପ୍ୟୁଟର ପ୍ରୋଗ୍ରାମର, ପିଇଓଙ୍କୁ ଉଠାଇନେଲା ପୋଲିସ

## ବିଳମ୍ବିତ ରାତିରେ ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅଭାବନୀୟ ଘଟଣା

ନାଉଗାଁ,୧୮।୧(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଳମ୍ବିତ ରାତିରେ କମ୍ପ୍ୟୁଟର ପ୍ରୋଗ୍ରାମର(ସିପି) ଦେବଦତ୍ତ ସାହୁ, ପିଇଓ ପ୍ରତାପ ମହାପାତ୍ର ଓ ଶିଖର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ବୈକୁଣ୍ଠନାଥ ନାୟକ ମଦ୍ୟପାନ କରୁଥିବା ନେଇ ସୂଚନା ପାଇବା ପରେ ପୋଲିସ ଉଠାଇ ନେଇଛି। ସେମାନେ ମଦ୍ୟପାନ କରିଥିବା ନେଇ ମେଡିକାଲ ପରୀକ୍ଷା କରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ଜଣାଯାଇଛି। ସିପି ସାହୁ ଓ ଶିଖର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ନାୟକ ମଦ୍ୟପାନ କରିଥିବା ନେଇ ମେଡିକାଲ ରିପୋର୍ଟ ବାହାରିଥିବା ଥାନାଧିକାରୀ ନୀଳମଣି ନାୟକ ସୂଚନା ଦେଇଛନ୍ତି।

ପିଇଓ ପ୍ରତାପ ମହାପାତ୍ରଙ୍କ ନାଉଗାଁ ବ୍ଲକରୁ ଅନ୍ୟ ବ୍ଲକକୁ ବଦଳି ହୋଇଯାଇଛି। ତାଙ୍କର ବଦଳି ହେବା ହେତୁ କାଗଜପତ୍ରରେ ବକେୟା କାର୍ଯ୍ୟ ରହିଥିବାରୁ ବିଡିଓଙ୍କ ଅନୁମତି ନେଇ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ବ୍ଲକର ସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଶିଖର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ବୈକୁଣ୍ଠନାଥ ନାୟକ ବ୍ଲକ କାର୍ଯ୍ୟାଳୟ ପରିସରକୁ ରାତିରେ ଆସିଥିଲେ। ସ୍ଥାନୀୟ ଲୋକ ଏହା ଦେଖି ସନ୍ଦେହରେ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି କାର୍ଯ୍ୟାଳୟର କବାଟ ବାଡ଼େଇଥିଲେ ମଧ୍ୟ ସେମାନେ ଖୋଲିବାରେ ବିଳମ୍ବ କରିଥିଲେ। ଫଳରେ ସେଠାରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ସେମାନଙ୍କୁ କାବୁ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। ଏସମ୍ପର୍କରେ ବିଡିଓ ତପନ କୁମାର ମହାପାତ୍ରଙ୍କୁ ପଚାରିବାରେ ପୋଲିସଠାରୁ ସେମାନଙ୍କର ମଦ୍ୟପାନ ରିପୋର୍ଟ ଆସିବାପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିବା ସହ ପ୍ରକ୍ସି ସରପଞ୍ଚଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଲାପ୍‌ଟପ୍, ୧୬ ମୋବାଇଲ, ୧୫ ପାୱାର ବ୍ୟାଙ୍କ ଚୋରି

ଜଗତ୍‌ସିଂହପୁର, ୧୮।୧ (ପ୍ରମୋଦ କୁମାର ନାୟକ)

ବିରିଡି ଥାନା ଅନ୍ତର୍ଗତ ବିରିଡି ଛକରେ ଥିବା ଶୁଭେନ୍ଦୁ ମହାନ୍ତିଙ୍କ ଇଲେକ୍ଟ୍ରିକ ଓ ମୋବାଇଲ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ତାଙ୍କ ଦୋକାନରୁ ୧୦ ହଜାର ଟଙ୍କା ସମେତ ଗୋଟିଏ ଲାପଟପ୍ ଓ ଲାପଟପ୍ ଚାର୍ଜର, ୧୬ଟି ମୋବାଇଲ୍, ୧୫ ପାୱାର ବ୍ୟାଙ୍କ ଆଦି ଚୋରି କରି ନେଇଛି। ଅଭିଯୋଗ ପାଇ ବିରିଡି ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ବଜାରର ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରା ଜରିଆରେ ଯାଞ୍ଚ କରୁଛି। ଦୋକାନୀ ମାଲିକ ଶୁଭେନ୍ଦୁ ମହାନ୍ତି ରାତି ୧୦ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କୌଣସି ଦୁର୍ବୃତ୍ତ ଛାତ ଉପରେ ଚଢ଼ି ଗ୍ରୀଲ ଓ ତାଲା ଭାଙ୍ଗି ଦୋକାନରେ ପଶିଥିବା ସନ୍ଦେହ କରାଯାଉଛି।

# ପିପିଏଲ ଜଳାଶୟରେ ୪୨ ହଜାର ବିଦେଶାଗତ ପକ୍ଷୀ

## ରାଜନଗର ବନଖଣ୍ଡ ପକ୍ଷରୁ ପକ୍ଷୀଗଣନା

ପାରାଦୀପ ୧୮।୧(ଶରତ ରାଉତ)

ରାଜନଗର ବନଖଣ୍ଡ କୁଜଙ୍ଗ ବନାଞ୍ଚଳ ପକ୍ଷରୁ ଶନିବାର ପାରାଦୀପ ଓ ଅନ୍ୟ ୫ ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ଏସବୁ ସ୍ଥାନରେ ୬୪ ହଜାରରୁ ଅଧିକ ବିଦେଶାଗତ ପକ୍ଷୀ ଆଶ୍ରୟ ନେଇଛନ୍ତି। ସେଥିରୁ କେବଳ ପାରାଦୀପ ପିପିଏଲ୍ ଜଳାଶୟ ଅଞ୍ଚଳରେ ୪୨,୫୮୨ ପକ୍ଷୀ ରହିଛନ୍ତି। ଅନ୍ୟ ସ୍ଥାନ ଯଥା କଂସାରୀପାଟିଆ, ହାୱାଖାନା, ବନ୍ଦର ଓ ନୂଆଗାଁ ଅଞ୍ଚଳରେ କିଛି ପକ୍ଷୀ ଜଳାଶୟ ଅଞ୍ଚଳରେ ରହିଛନ୍ତି। କୁଜଙ୍ଗ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇଙ୍କ ନେତୃତ୍ୱରେ ୪ଟି ଟିମ୍ ଏହି ଗଣନା କରିଥିଲେ।



ପକ୍ଷୀ ଆଶ୍ରୟ ସମ୍ପର୍କରେ ପିପିଏଲ୍ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ଯେ, ଚଳିତବର୍ଷ ରେକର୍ଡ ସଂଖ୍ୟକ ପକ୍ଷୀ ଆଶ୍ରୟ ନେଇଛନ୍ତି। ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କମ୍ପାନୀ ଗତ ୨୦ ବର୍ଷ ହେଲା କଠୋର ପଦକ୍ଷେପ ନେଇଛି। ଜଳାଶୟଗୁଡ଼ିକ ସ୍ଥିର ଶାନ୍ତ ପରିବେଶ ଏବଂ ପ୍ରଦୂଷଣ ମୁକ୍ତ ଥିବାରୁ ଏପରି ପକ୍ଷୀ ଆସିଥିବା କୁହାଯାଉଛି। ସେଥିରେ ୪୪ ପ୍ରଜାତିର ପକ୍ଷୀ ରହିଛନ୍ତି। ଏହି ପକ୍ଷୀସବୁ ନଭେମ୍ବରରୁ ଆସିଲେଣି। ଫେବୃଆରୀ ଶେଷ ବେଳକୁ ସେମାନେ ଫେରିଯିବେ। ଏନେଇ କମ୍ପାନୀ ସିଏମ୍‌ଓ ପାଲାନୀସାମି ଭେଲୁସ୍ୱାମୀ ଓ ମାନବସମ୍ବଳ ଅଧିକାରୀ ସୁମିତ ସେନାପତି ଖୁସିବ୍ୟକ୍ତ କରିଛନ୍ତି।

# ଡାକ୍ତର, ରୋଗୀଙ୍କ ସମ୍ପର୍କୀୟ ହାତାହାତି ଭିଡିଓ ଭାଇରାଲ

## ଡେରିକିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

■ ଥାନାରେ ପୃଥକ୍ ଅଭିଯୋଗ

ନାଉଗାଁ,୧୮।୧(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ ମଧ୍ୟରେ ହାତାହାତି ହୋଇଥିବା ଭିଡିଓ ଭାଇରାଲ ହେଉଛି। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ନାଉଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡାକ୍ତର ସାଗର ଚନ୍ଦ୍ର ନାୟକ ଅଭିଯୋଗ କରିଥିବା ବେଳେ ରୋଗୀଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବେହେରା ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଥାନାଧିକାରୀ ନୀଳମଣି ନାୟକ କହିଛନ୍ତି। ଡାକ୍ତରଙ୍କ ଅଭିଯୋଗ ମୁତାବକ, ସେ ଓ ତାଙ୍କ କର୍ମଚାରୀମାନେ ରାତିରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶୋଇଥିବାବେଳେ ୫ ଜଣ ଯୁବକ ଆସି ଗେଟ୍‌କୁ ପିଟିଥିଲେ। ଗେଟ୍ ଖୋଲିଲା ପରେ ସେମାନେ ଭିତରକୁ ଆସି ଆକ୍ରମଣ କରିଥିବା ନେଇ ଡାକ୍ତର ନାୟକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷେ ଦୁର୍ଘଟଣାରେ ଆହତ ହୋଇ ଆସିଥିବା ଆଶନ୍ତ ବେହେରାଙ୍କ ସ୍ତ୍ରୀ ସନ୍ଧ୍ୟା ରାଣୀଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ଦୁର୍ଘଟଣାରେ ଗୁରୁତର ହୋଇଥିବାରୁ ଚିକିତ୍ସା ପାଇଁ ଡେରିକି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହେଲେ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଗେଟ ବନ୍ଦ ରହିଥିଲା। ଏନେଇ ସେମାନେ ଡାକ ପକାଇବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରର ସୁରକ୍ଷା କର୍ମୀ ଆସି ଗେଟ ଖୋଲିଥିଲେ। ସେ ଡାକ୍ତରଙ୍କୁ ଭେଟିବା ବେଳକୁ ଡାକ୍ତର ସମେତ ଅନ୍ୟ ତିନି ଜଣ ମିଶି ମଦ୍ୟପାନ କରୁଥିଲେ। ଡାକ୍ତର ସେମାନଙ୍କୁ ଦେଖି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସନ୍ଧ୍ୟାରାଣୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏସମ୍ପର୍କରେ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ନାୟକଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଷ୍ଣୁ


@ ଦୀପକ


@ ଓମ୍‌ପ୍ରକାଶ


@ ପ୍ରିୟବ୍ରତ


@ କ୍ରିଷ୍ଣେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଦୁର୍ଘଟଣା: ବାଇକ୍ ଚାଳକ ଗୁରୁତର**

**ନୂଆଗାଁ,(ଧନେଶ୍ୱର ସାହୁ):** ନୟାଗଡ଼ ଜିଲା ନୂଆଗାଁ ଥାନା ମାଇଛେଳି ବୁଲାଣି ରାସ୍ତାରେ ଶନିବାର ଟ୍ରକ ଓ ବାଇକ୍ ଦୁର୍ଘଟଣା ଘଟିଛି । ବାଇକ ଚାଳକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ନୂଆଗାଁ ଗ୍ରାମର ଗଣେଶ୍ୱର ସିଠ। ସେ କୌଣସି କାମରେ ନୟାଗଡ଼ ଯାଇ ବାଇକ୍(ନଂ.ଓଡି-୨୫ ଏମ୍ ୯୮୨୪) ଗାଁକୁ ଫେରୁଥିବା ବେଳେ ମାଇଛେଳି ବ୍ରିଜ ନିକଟସ୍ଥ ବୁଲାଣି ରାସ୍ତା ନିକଟରେ ସମାନ ଦିଗରୁ ଆସୁଥିବା ଟ୍ରକ (ନଂ.ଆର ଜେ ୧୯ ଏଚ୍ ୬୩୩୩) ବାଇକକୁ ପଛରୁ ଧକ୍କା ଦେଇଥିଲା।

# ନୟାଗଡ଼ ପେକ୍ସରେ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର






ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀରେ ସ୍ପେଶାଲ କ୍ୟାନ୍ସଲେଶନରେ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର ଓ ସ୍ୱତନ୍ତ୍ର ଲଫାପାରେ ନୀଳମାଧବଙ୍କ ମନ୍ଦିର ଚିତ୍ର।

- କଣ୍ଟିଲୋ ନୀଳମାଧବ ମନ୍ଦିର ଚିତ୍ର ଥାଇ ସ୍ୱତନ୍ତ୍ର ଲଫାପା
- ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀରେ ନୟାଗଡ଼ର ଗର୍ବ

**ନୟାଗଡ଼,୧୮।୧(ଲୋକନାଥ ମିଶ୍ର)**

ଭାରତୀୟ ଡାକ ବିଭାଗର ନୟାଗଡ଼ ଡାକ ମଣ୍ଡଳ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ଡାକ ଟିକେଟ୍ ପ୍ରଦର୍ଶନୀ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ ପରିସରରେ ଗତ ୮ ଓ ୯ ତାରିଖ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ୧୬୦ଟି ଫ୍ରେମରେ ଭାରତର ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ୮ ହଜାର ଡାକଟିକେଟ, ଡାକ ଉପକରଣ ସ୍ଥାନ ପାଇଥିଲା। ତେବେ ଉଦ୍‌ଯାପନୀ ଦିବସରେ ନୟାଗଡ଼ ପେକ୍ସରେ ୨ ସ୍ପେଶାଲ କ୍ୟାନ୍ସଲେଶନ(ସ୍ୱତନ୍ତ୍ର ରଦ୍ଦିକରଣ)ରେ ଗୋଟିକରେ ପଠାଣି ସାମନ୍ତ , ଅନ୍ୟଟିରେ ପ୍ରବାସୀ ଭାରତୀୟ ଦିବସର ପ୍ରତିଛବି ଦେଖିବାକୁ ମିଳିଛି। ସେହିପରି କଣ୍ଟିଲୋ ନୀଳମାଧବ ମନ୍ଦିର, ନୀଳମାଧବ ମନ୍ଦିର ପରିସର ଭୋଗମଣ୍ଡପ, ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର, ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାରର ଚିତ୍ର ଥାଇ ସ୍ୱତନ୍ତ୍ର ଡାକ ଲଫାପା ମଧ୍ୟ ଅନୁରୂପ ଭାବେ ବିକ୍ରି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସ୍ୱତନ୍ତ୍ର ଲଫାପା କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ୩ଟି ଫେଲାଟେଲ ବ୍ୟୁରୋରେ ସାଧାରଣ ଲୋକଙ୍କ ପାଇଁ ମିଳିବ। ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀରେ ସ୍ପେଶାଲ କ୍ୟାନ୍ସଲେଶନ ହେଉ ଅଥବା ନୀଳମାଧବ ମନ୍ଦିର ଚିତ୍ର ଥାଇ ସ୍ୱତନ୍ତ୍ର ଲଫାପା ହେଉ ଯାହାକି ନୟାଗଡ଼ର ଗର୍ବ ଓ ଗୌରବ ବଢ଼ାଇଛି।

ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିରେ ଆଦି ଦେବତା କଣ୍ଟିଲୋ ନୀଳମାଧବ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ପୂଜା ପାଉଛନ୍ତି। ମନ୍ଦିର ତଟଦେଶରେ ମହାନଦୀ ପ୍ରବାହିତ। ପଶ୍ଚିମ ପାର୍ଶ୍ୱରେ ମା’ଭଟ୍ଟାରିକାଙ୍କ ମନ୍ଦିର ପ୍ରାୟ ୮ କିମି ଦୂରତାରେ ରହିଛି। ଚାରିପାଖରେ ପ୍ରାକୃତିକ ପରିବେଶ ଘେରି ରହିଛି। ନିକଟରେ ନୀଳମାଧବଙ୍କର ଆଦ୍ୟ ସେବକ ବିଶ୍ୱାବସୁ ଶବର ରାଜାଙ୍କର ଗାଁ କାଳିଆପଲ୍ଲୀ ରହିଛି। ଯାହା ଜିଲାକୁ ଦେଶ ବିଦେଶରେ ପରିଚିତ କରାଇଛି। ସେହିପରି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ଖଣ୍ଡପଡ଼ା ମାଟିରେ ଜନ୍ମ ଗ୍ରହଣ କରି ଜାତିର ଗର୍ବ ଓ ଗୌରବ ପାଲଟିଥିଲେ। ଜ୍ୟୋତିର୍ବିଦ୍ୟାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ପାଇଁ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଦ୍ୱାରା କଟକରେ ଏକ ସ୍ୱତନ୍ତ୍ର ଦରବାର ଆହୁତ ହୋଇ ୧୮୯୪ରେ ସେପ୍ଟେମ୍ବର ୧୦ରେ ମହାମହୋପଧ୍ୟାୟ ଉପାଧିରେ ଭୂଷିତ କରିଥିଲେ। ସ୍ୱହସ୍ତ ନିର୍ମିତ ଶଙ୍କୁଦଣ୍ଡ ଓ ମାନଦଣ୍ଡ ଆଦି ସାହାଯ୍ୟରେ ମୁକ୍ତ ଆକାଶରୁ ନିରୀକ୍ଷଣ କରି ଗ୍ରହ ଓ ନକ୍ଷତ୍ରର ଗତିବିଧି ନିରୁପଣ କରିପାରିବା ସାମନ୍ତଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇ ପାରିଥିଲା। ଅନ୍ୟପକ୍ଷେ ଓଡ଼ିଆ ପାଞ୍ଜିର ଭୁଲ ଗଣନାକୁ ତାଙ୍କର ଅଭ୍ରାନ୍ତ ଗଣନା ସଂଶୋଧିତ କରି ପ୍ରକାଶ କରିବା ପ୍ରଂଶସା ସାଉଁଟିଥିଲା। ଏଭଳିଆ ଜ୍ୟୋତିର୍ବିଦ୍ ଓ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ଡାକବିଭାଗ ମନେରଖି ପ୍ରଦର୍ଶନୀରେ ସମ୍ମାନ ଦେବାକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଏନେଇ ଇଟାମାଟିର ଡାକ ଟିକେଟ ସଂଗ୍ରାହକ ଓ କଳାକାର ଅଜିତ କୁମାର ରାଉତ କୁହନ୍ତି, ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ଦ୍ୱାରା ଛାତ୍ରୀଛାତ୍ର, ସାଧାରଣ ଲୋକ ଡାକଟିକେଟରେ ଲୁଚି ରହିଥିବା ଦେଶ ବିଦେଶର ସଂସ୍କୃତି, କଳା, ପରମ୍ପରା ଓ ଇତିହାସକୁ ଜାଣି ପାରିବେ। ଅନ୍ୟପକ୍ଷେ ମୋର ନୟାଗଡ଼ର ଜିଲାସ୍ତରୀୟ ପ୍ରଦର୍ଶନୀରେ ଅଷ୍ଟ୍ରେଲିଆ ଦେଶର ଷ୍ଟାମ୍ପ, ଡାକଟିକେଟ, ୨ ରୁ ୩ ଲକ୍ଷ ଟଙ୍କା ଦାମ୍‌ର ବିରଳ ଲଫାପା ସ୍ଥାନ ପାଇଥିଲା। ଏଥିସହ ଜଗନ୍ନାଥଙ୍କର ୩୨ ବେଶ ଉପରେ ମଧ୍ୟ ଏକ ଫ୍ରେମ ପ୍ରଦର୍ଶିତ ହୋଇଥିଲା। ଯାହା ଲୋକଙ୍କୁ ଆକୃଷ୍ଟ କରିଥିଲା। ସେହିଭଳି ୧୯୭୩ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଡାକବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରଥମ ମିନିଏଚର(ଛୋଟ) ଷ୍ଟାମ୍ପ ମଧ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇବାକୁ ଦେଇଥିଲି। ଖୋର୍ଦ୍ଧାର ସଂଗ୍ରାହକ ବିମଳ ଷଡ଼ଙ୍ଗୀ ଓ ନୟାଗଡ଼ର ସଞ୍ଜୟ କୁମାର ସାହୁ କୁହନ୍ତି ଡାକଟିକେଟ ପ୍ରଦର୍ଶନୀ ଡାକବିଭାଗର ନିଆରା କାର୍ଯ୍ୟକ୍ରମ। ତେବେ ଏନେଇ ଅଧିକ ସଚେତନତା ଦରକାର। ୩୦ଟି ଜିଲାରେ ଏହା ଭାଗ ବାଣ୍ଟି କରାଯିବା ଦରକାର। ଡାକ ଟିକେଟ ସଂଗ୍ରାହକ ଶାନ୍ତି ସ୍ୱରୂପ ରଥ କୁହନ୍ତି, ମୋ ଦ୍ୱାରା ସଂଗୃହୀତ ନୟାଗଡ଼ ଗଡଜାତ ରାଜ୍ୟର ୧୯୪୨ ମସିହାର ଏକ ସ୍ୱତନ୍ତ୍ର ଷ୍ଟାମ୍ପ ଜିଲାସ୍ତରୀୟ ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା। ଏହା ୨ ଦିନ ଧରି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଷ୍ଣୁ



@ ଦୀପକ



@ ଓମ୍‌ପ୍ରକାଶ



@ ପ୍ରିୟବ୍ରତ



@ କ୍ରିଷ୍ଣେନ୍ଦୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଖଣ୍ଡପଡା,୧୮।୧ (ଅଜୟ କୁମାର ମହାରଣା)**

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ପାଳିତ କମିଟିର ସ୍ଥାୟୀ ସମ୍ପାଦକ ଭାବେ ଏନଏସି କାର୍ଯ୍ୟ ନିର୍ବାହୀଙ୍କୁ ରହିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଜନରାଜ୍ୟ ଦିବସ ଅବସରରେ ପ୍ରତ୍ୟୁଷରୁ ତହସିଲ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସହରାଞ୍ଚଳରେ ରାମଧୁନ ଗାନ କରାଯିବ ବୋଲି ଜଣାପଡିଛି। ପରେ ପରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ସମେତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ସହରାଞ୍ଚଳ ଅଧୀନ ମଧୁବନ ମିନିଷ୍ଟାଡିୟମ ପରିସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହାପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ମାନଙ୍କ ପକ୍ଷରୁ ପରେଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ସେହିପରି ପ୍ରସ୍ତୁତି ବୈଠକରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀ ଛାତ୍ର ମାନଙ୍କୁ ନେଇ ପ୍ୟାରେଡ, ବକ୍ତୃତା, ଦେଶଭକ୍ତି ସଙ୍ଗୀତ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗୀତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସ୍ଥିରିକୃତ ହୋଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦେଓ, ସବ୍‌ରେଜିଷ୍ଟ୍ରାର ସନ୍ତୋଷ କୁମାର ଦଳବେହେରା, ଏନଏସି କନିଷ୍ଠଯନ୍ତ୍ରୀ ଦେବଦତ୍ତ ମିଶ୍ର, ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଅଧ୍ୟାପକ ଅଜିତ କୁମାର ବସନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ସୋମେଶ କୁମାର ରଣବିଜୁଳି ଧନ୍ୟବାଦ ପ୍ରଦାନ କରିଥିଲେ।



ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

# ବରସାହି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ବାଚସ୍ପତି ସୁରମା ପାଢ଼ୀ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

**ଶରଣକୁଳ,୧୮।୧(ଦୀପକ କର)**

ଶନିବାର ନୟାଗଡ଼ ଜିଲା ଶରଣକୁଳ ନିକଟ ବରସାହି ସେବା ସମବାୟ ସମିତିରେ ଚଳିତବର୍ଷ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରଣପୁର ବିଧାୟକା ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବାଚସ୍ପତି ପାଢ଼ୀ କହିଲେ,ଚାଷୀମାନେ ଦଲାଲଙ୍କୁ ନିଜ ଧାନ ବିକ୍ରି ନ କରି ଅଧିକ ମୂଲ୍ୟରେ ମଣ୍ଡିରେ ଧାନ ବିକ୍ରି କରନ୍ତୁ। କୌଣସି ଅସୁବିଧା ହେଲେ ମୋତେ ଜଣାଇବେ। ଏହା ସହ ଗୋଟିଏ ଦେଶ ଗୋଟିଏ ସାସ୍ଥ୍ୟକାର୍ଡ କରି ଆୟୁଷ୍ମାନ ଯୋଜନାରେ ଆମମାନଙ୍କୁ ଲାଭ ନେବାକୁ ହେବ। ସମସ୍ତ ବିକାଶର କାମ କରିବା ସହ ଜଳସେଚନକୁ ପ୍ରାଥମିକତା ଦେଇ ନାଗଝରର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶରଣକୁଳ ସେବା ସମବାୟ ସମିତି ସଭାପତିଙ୍କ ପ୍ରତିନିଧି ଅକ୍ଷୟ କୁମାର ବରା ସଭାପତିତ୍ୱରେ କରିଥିଲେ। ସମ୍ପାଦକ ବାଲୁଙ୍କେଶ୍ୱର ଜେନା, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ପ୍ରଧାନ ଏବଂ ଚାଷୀ ମାଟିଆ ମାଝୀ, ବୈକୁଣ୍ଠନାଥ ସିଂ, ଦୁଃଖୀଶ୍ୟାମ ନାୟକ, ବୈକୁଣ୍ଠ ପ୍ରଧାନଙ୍କ ସମେତ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଧାନକ୍ରୟ ପାଇଁ ଯାହା ନିର୍ଦ୍ଦେଶ ଓ ମାନଦଣ୍ଡ ଅଛି ସେହି ଅନୁଯାୟୀ ମିଲରମାନେ ଧାନ କ୍ରୟ କରିବେ। ଏହି ପ୍ରସ୍ତାବ ଅନୁଯାୟୀ ଉପସ୍ଥିତ ଚାଷୀମାନେ ସହମତି ପ୍ରକାଶ କରିଛନ୍ତି। ପ୍ରଥମେ ଚାଷୀ ଅହଲ୍ୟା ପ୍ରଧାନଙ୍କଠାରୁ ୭୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।

# କୁରାଳ ସେବା ସମବାୟ ସମିତି ଫାଟକରେ ତାଲା

**ଓଡ଼ଗାଁ,୧୮।୧ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତି ସବୁବେଳେ କିଛି ନା କିଛି ସମସ୍ୟାକୁ ନେଇ ଆଲୋଚିତ ହେଉଥିବା ବେଳେ ଶନିବାର ଦିନ କୁରାଳ ସେବା ସମବାୟ ସମିତି ମଣ୍ଡିରୁ ଧାନ ସଂଗ୍ରହ କରି ମିଲରଙ୍କ ଗାଡ଼ି ଫାଟକ ବାହାରକୁ ଆସିବା ପୂର୍ବରୁ ୨ ଜଣ ଯୁବକ ଆସି ଫାଟକରେ ତାଲା ପକାଇଥିବା ସୂଚନା ମିଳିଛି। ଫଳରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାନ ବୋଝେଇ ଟ୍ରକଟି ଅଟକି ରହିଛି । ଏ ସଂକ୍ରାନ୍ତରେ ସମିତି ସମ୍ପାଦକ ଓଡ଼ଗାଁ ଥାନାରେ ରାତି ସାଢ଼େ ୮ଟା ରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସମିତି ସାମ୍ନାରେ କିଛି ସମୟ ଉତ୍ତେଜନା ଲାଗିରହିଥିବା ବେଳେ ପରବର୍ତ୍ତୀ ସମୟରେ ତାହା ପ୍ରଶମିତ ହୋଇଛି। ତେବେ ଚାନ୍ଦା ଆଦାୟକୁ ନେଇ ୨ ଯୁବକ ଫାଟକରେ ତାଲା ପକାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ କେନ୍ଦ୍ର କରି ପୋଲିସ ପଚରାଉଚରା କରିବା ପରେ ପ୍ରକୃତ କାରଣ ଜଣାପଡିବ।

# ଇଣ୍ଡିଆନ ମାଥମେଟିକାଲ ସୋସାଇଟିର ସଭ୍ୟ ହେଲେ ବୈଜ୍ଞାନିକ ପ୍ରଦ୍ୟୁମ୍ନ ସାହୁ

**ଖଣ୍ଡପଡ଼ା,୧୮।୧ (ଅଜୟ କୁମାର ମହାରଣା)**



ଖଣ୍ଡପଡା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ ଏକ ବିରଳ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ସାହୁ ଇଣ୍ଡିଆନ ମାଥମେଟିକାଲ ସୋସାଇଟିର ସଭ୍ୟ ଭାବେ ଆସନ୍ତା ୩ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ୨୦୨୫ ଏପ୍ରିଲ ୧ ତାରିଖରୁ ଆସନ୍ତା ୨୦୨୮ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୩ ବର୍ଷ ଧରି ବୈଜ୍ଞାନିକ ସାହୁ ଆଇଏମ୍‌ଏସ୍‌ର ସଭ୍ୟ ଭାବେ କାର୍ଯ୍ୟ କରିବେ । ପ୍ରକାଶ ଥାଉକି ବୈଜ୍ଞାନିକ ସାହୁ ଆନ୍ଧ୍ରପ୍ରଦେଶ ରାଜ୍ୟର ହାଇଦ୍ରାବାଦସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିରେ ଏବେ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ବୈଜ୍ଞାନିକ ସାହୁଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ କୁହାରା ଗ୍ରାମରେ।

# ଫାଇନାଲରେ ମଣିପୁର, ବରଗଡ଼ ଟିମ୍

**ଦଶପଲ୍ଲା,୧୮।୧(ପ୍ରକାଶ କୁମାର ପାଣି)**

### ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟ

ଦଶପଲ୍ଲା ଗାନ୍ଧୀ ମଇଦାନରେଠାରେ ଚାଲିଥିବା ଦଶପଲ୍ଲା କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କାଶ୍ମୀର ଦଳ ସହ ଓଡ଼ଶା ବରଗଡ ଦଳର ମୁକାବିଲା ହୋଇଥିଲା। ପ୍ରଥମାର୍ଦ୍ଧରେ ପ୍ରଥମେ ବରଗଡ଼ ଦଳ ଗୋଟିଏ ଗୋଲ ଦେଇ ଅଗ୍ରଣୀ ଥିବା ବେଳେ ପ୍ରଥମାର୍ଦ୍ଧ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ କାଶ୍ମୀର ଦଳ ଗୋଲଟିକୁ ପରିଶୋଧ କରିଦେଇ ବରାବର ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳଙ୍କୁ ଅନେକ ସୁଯୋଗ ମିଳିଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ ଗୋଲ ନ ହେବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ସେଥିରେ ବରଗଡ଼ ଦଳ ୩-୧ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ଆଜିର ଖେଳ ପରିଚାଳନା କରିଥିଲେ ରେଫରୀ ଶ୍ୟାମସୁନ୍ଦର ସାହା। ଖେଳରେ ଅତିଥି ଭାବେ ବିଧାୟକ ଏବଂ ସାମାଜିକ କର୍ମୀ ଯୋଗଦାନ କରିଥିଲେ, ରବିବାର ଫାଇନାଲ ମ୍ୟାଚ ମଣିପୁର ସହ ବରଗଡ଼ର ମୁକାବିଲା ହେବ ବୋଲି ସ୍ପୋଟିଭ ସ୍ପୋର୍ଟସ ସୋସାଇଟି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଜଣାଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ପ୍ରଦର୍ଶନୀ ମ୍ୟାଚ୍‌ର ମଜା ଉଠାଇଲେ ଦର୍ଶକ

**ନୟାଗଡ଼,୧୮।୧(ଲୋକନାଥ ମିଶ୍ର)**

ନୟାଗଡ଼ ଖେଳ ପଡିଆରେ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ଚାଲୁ ରହିଛି। ଶନିବାର ସର୍ବଭାରତୀୟ ଫୁଟବଲ ମ୍ୟାଚ ବନ୍ଦ ରହିଥିବାବେଳେ ୨ଟି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସିନ୍ଦୁରିଆର ୭୮୬ ୟୁଥ୍ କ୍ଲବ,ଆଥ୍‌ଲେଟିକ୍ ଆସୋସିଏଶନ୍, ନୟାଗଡ କ୍ଲବ ଓ ମର୍ଣ୍ଣ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଥମ ପ୍ରଦର୍ଶନୀ ମ୍ୟାଚରେ ନୟାଗଡ଼ ସିନ୍ଦୁରିଆ ୭୮୬ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଟିମ୍ ସହ ମର୍ଣ୍ଣ କ୍ଲବ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ଖେଳ ୨- ୨ଗୋଲରେ ରହିଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଖେଳ ପରିଚାଳନା କରିଥିଲେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ। ୨ୟ ପ୍ରଦର୍ଶନୀ ମହିଳା ମ୍ୟାଚ କିଟ୍ ଭୁବନେଶ୍ୱର ସହ କେନ୍ଦୁଝର ତାରିଣୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କିଟ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ। ଉଭୟ ଖେଳ ପରିଚାଳନାରେ ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ ଓ ରାଜୁ ସ୍ୱାଇଁ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଜେଡି ନେତ୍ରୀ ଇରାନୀ ରାୟ ଯୋଗ ଦେଇଥିବାବେଳେ ଭାଟସାହି ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସକିଲା ଜମାଲ, ମମତାଜ ବେଗମ, ଫାର୍ମାସିଷ୍ଟ ଏମ୍‌ଆର ରହମାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ୨ ମ୍ୟାଚ୍‌କୁ ଦର୍ଶକମାନେ ଉପଭୋଗ କରିଥିଲେ।



ପ୍ରଦର୍ଶନୀ ମ୍ୟାଚ୍‌ର ଏକ ରୋମାଞ୍ଚକ ମୁହୂର୍ତ୍ତ।

